RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -274 ସଂଖ୍ୟା-୨୭୪
ଭୁବନେଶ୍ୱର, ଗୁରୁବାର ୧୫ ଜାନୁଆରୀ ୨୦୨୬
Bhubaneswar, Thursday 15 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ବୈତରଣୀ ଘାଟରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର,୧୪।୧(ନି.ପ୍ର.): ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ। କେନ୍ଦୁଝର ଜିଲ୍ଲା ପାଟଣା ରାଜନଗରରେ ମକର ବୁଡ଼ ପକାଇଛନ୍ତି ମୁଖ୍ୟମନ୍ତ୍ରୀ। ବୈତରଣୀ ନଦୀର ଶୈବ୍ୟା କାବେରୀ ଘାଟରେ ବୁଡ଼ ପକାଇଥିଲେ। ପୂଜାର୍ଚ୍ଚନା ପରେ ପତ୍ନୀଙ୍କ ସହ ମୁଖ୍ୟମନ୍ତ୍ରୀ ବୁଡ଼ ପକାଇଥିଲେ। ଏହାସହ ସୋସିଆଲ ମିଡିଆ 'ଏକ୍ସ'ରେ ମକର ସଂକ୍ରାନ୍ତି ଉପଲକ୍ଷେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାର ଏହି ମହାନ ପରମ୍ପରା ଆମ ସାମାଜିକ ଏକତା ଓ ସଂହତିକୁ ଆହୁରି ସୁଦୃଢ଼ କରୁ ବୋଲି ସେ କହିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ରାଜ୍ୟର ପ୍ରଗତିର ଧାରା ଅବ୍ୟାହତ ରହୁ ଏବଂ ପ୍ରତ୍ୟେକ ପରିବାରରେ ହସଖୁସି ଭରିଯାଉ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଇରାନ୍ ଛାଡ଼ିବାକୁ ଭାରତୀୟଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୪।୧(ନି.ପ୍ର.): ଇରାନରେ ଲାଗି ରହିଥିବା ରାଜନୈତିକ ଅସ୍ଥିରତାକୁ ଦେଖି ଭାରତୀୟ ନାଗରିକଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ଭାରତ ନିର୍ଦ୍ଦେଶନାମା ଜାରି କରିଛି । ତେହରାନ ସ୍ଥିତ ଭାରତୀୟ ଦୂତାବାସ ତାର ନାଗରିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଇରାନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଠାରେ ରହୁଥିବା ସମସ୍ତ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଏହା ଜାରି ହୋଇଛି ।


ଦୂତାବାସ ପକ୍ଷରୁ ସୂଚ଼ିତ କରାଯାଇଛି ଯେ ଗତ ଜାନୁଆରୀ ୫ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଇରାନରେ ଲଗାତର ଭାବେ ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକଙ୍କୁ ବାଣିଜ୍ୟିକ ବିମାନ ହେଉ କିମ୍ବା ଅନ୍ୟ ପରିବହନ ବ୍ୟବସ୍ଥାରେ ମାଧ୍ୟମରେ ତୁରନ୍ତ ଇରାନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି । ସମସ୍ତ ଭାରତୀୟ ନାଗରିକ ଏବଂ ପିଆଇଓମାନେ ସତର୍କତା ଅବଲମ୍ବନ କରିବା ଉଚ଼ିତ । ପ୍ରତିବାଦ କିମ୍ବା ପ୍ରଦର୍ଶନ କ୍ଷେତ୍ରକୁ ଏଡାଇବାକୁ ପରାମର୍ଶ ଦିଆଯାଇଛି । ଇରାନରେ ଭାରତୀୟ ଦୂତାବାସ ସହିତ ଯୋଗାଯୋଗରେ ରହିବା ସହ ଯେକୌଣସି ଘଟଣା ପାଇଁ ସ୍ଥାନୀୟ ଗଣମାଧ୍ୟମ ଉପରେ ନଜର ରଖିବାକୁ ମଧ୍ୟ କୁହାଯାଇଛି ।

ଇରାନରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ସେମାନଙ୍କର ଯାତ୍ରା ଏବଂ ପ୍ରବାସନ ଡକ୍ୟୁମେଣ୍ଟ, ପାସପୋର୍ଟ ଏବଂ ପରିଚ଼ୟପତ୍ର ସମେତ ସମସ୍ତ କାଗଜପତ୍ର ନିଜ ସାଥିରେ ରଖନ୍ତୁ।

ଏହି ସମ୍ବନ୍ଧରେ ଯେକୌଣସି ସହାୟତା ପାଇଁ ସେମାନଙ୍କୁ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଏହା ସହିତ ଭାରତୀୟ ଦୂତାବାସର ଜରୁରୀକାଳୀନ ସହାୟତା ଯୋଗାଯୋଗ ନମ୍ବର ମଧ୍ୟ ଜାରି କରାଯାଇଛି । ସେହି ନମ୍ବରଗୁଡ଼ିକ ହେଲା- +୯୮୯୧୨୮୧୦୯୧୧୫, +୯୮୯୧୨୮୧୦୯୧୦୯,+୯୮୯୧୨୮୧୦୯୧୦୨ ଏବଂ +୯୮୯୯୩୨୧୭୯୩୫୯ ।

### ୨୬ ବର୍ଷୀୟ ଯୁବକଙ୍କୁ ଫାଶୀ ଦଣ୍ଡ

ନୂଆଦିଲ୍ଲୀ,୧୪।୧: ଇରାନରେ ଜାରି ରହିଥିବା ସରକାର ବିରୋଧୀ ବିକ୍ଷୋଭ ଭୟଙ୍କର ହେବାରେ ଲାଗିଛି। ଏହି ବିକ୍ଷୋଭରେ ସାମିଲ ହୋଇଥିବା ପ୍ରାୟ ଅଢେଇ ହଜାର ଲୋକେ ମୃତ୍ୟୁ ବରଣ କଲେଣି। ଏହାରି ମଧ୍ୟରେ ଆନ୍ଦୋଳନରେ ସାମିଲ ହେବା ଅପରାଧରେ ଜଣେ ୨୬ ବର୍ଷୀୟ ଯୁବକଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଯାଇଛି। ବୁଧବାର ଭୋର ସମୟରେ ଇରଫାନ ସୋଲତାନିଙ୍କୁ ଫାଶୀ ଦିଆଯାଇଛି। ଗିରଫ ହେବାର ମାତ୍ର ଏକ ସପ୍ତାହ ମଧ୍ୟରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଘଟଣା ବିଶ୍ୱବ୍ୟାପୀ ଚ଼ାଞ୍ଚଲ୍ୟ ସୃଷ୍ଟି କରିଛି। ଇରଫାନ ସୋଲତାନିଙ୍କୁ ଜାନୁଆରୀ ୮ ତାରିଖରେ କରଜ ଅଞ୍ଚଳରୁ ଗିରଫ କରାଯାଇଥିଲା। ଗିରଫର ମାତ୍ର ୩ ଦିନ ପରେ ତାଙ୍କ ପରିବାରକୁ ଜଣାଇ ଦିଆଯାଇଥିଲା ଯେ, ତାଙ୍କୁ ମୃତ୍ୟୁଦଣ୍ଡ ମିଳିଛି ଏବଂ ଜାନୁଆରୀ ୧୪ରେ ଏହା କାର୍ଯ୍ୟକାରୀ ହେବ। ପ୍ରଶାସନ ଇରଫାନଙ୍କ ପରିବାରକୁ ଶେଷ ଦେଖା ପାଇଁ ମାତ୍ର ୧୦ ମିନିଟର ସମୟ ଦେଇଥିଲେ। ପରିବାର ଲୋକଙ୍କୁ ଚେତାବନୀ ଦିଆଯାଇଛି ଯେ, ଯଦି ସେମାନେ ଏ ବିଷୟରେ କାହାକୁ ଜଣାନ୍ତି, ତେବେ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ଗିରଫ କରାଯିବ। ଇରଫାନଙ୍କ ଉପରେ 'ମୋହରେବେ' ବା 'ଇଶ୍ୱରଙ୍କ ବିରୋଧରେ ଶତ୍ରୁତା' କରିଥିବା ଅଭିଯୋଗ ଲଗାଯାଇଛି। ମାନବାଧିକାର କର୍ମୀଙ୍କ ଅନୁଯାୟୀ, ଇରଫାନଙ୍କୁ କୌଣସି ଓକିଲ କିମ୍ବା ପରିପକ୍ୱ ନ୍ୟାୟିକ ପ୍ରକ୍ରିୟାର ସୁଯୋଗ ଦିଆଯାଇ ନାହିଁ।



ଇରାନରେ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ସଂକଟକୁ ନେଇ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଏବେ ସରକାର ବିରୋଧୀ ଆନ୍ଦୋଳନରେ ପରିଣତ ହୋଇଛି। ଗତ ୨୦ ଦିନ ମଧ୍ୟରେ ପାଖାପାଖି ୨,୦୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ପ୍ରାୟ ୨୦,୦୦୦ ଲୋକଙ୍କୁ ଗିରଫ କରାଯାଇଥିବାବେଳେ ପ୍ରାୟ ୫ ଦିନ ହେବ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାରେ ଇରାନ ସରକାରଙ୍କୁ କଠୋର ଚେତାବନୀ ଦେଇଛନ୍ତି। ଯଦି ପ୍ରଦର୍ଶନକାରୀଙ୍କୁ ଫାଶୀ ଦିଆଯାଏ, ତେବେ ଆମେରିକା ପକ୍ଷରୁ 'ଅତ୍ୟନ୍ତ କଠୋର ପଦକ୍ଷେପ' ନିଆଯିବ ବୋଲି ସେ ଜଣାଇଛନ୍ତି। ଆମ୍‌ନେଷ୍ଟି ଇଣ୍ଟରନ୍ୟାସନାଲ୍ ଏହାକୁ ଏକ 'କ୍ଷେତ୍ରୀୟ ପ୍ରାଣଦଣ୍ଡ' ବୋଲି କହି ନିନ୍ଦା କରିଛି।

## ଶିମିଳିପାଳରେ କୁମ୍ଭୀର ସଂଖ୍ୟା ୮୪କୁ ବୃଦ୍ଧି



ଭୁବନେଶ୍ୱର,୧୪।୧(ନି.ପ୍ର.): ବିଗତ କିଛି ଦିନ ହେବ ବିଭିନ୍ନ ଜାତୀୟ ଉଦ୍ୟାନରେ କୁମ୍ଭୀର ଗଣନା ଚ଼ାଲିଛି। ଭିତରକନିକାରେ ମଧ୍ୟ କୁମ୍ଭୀର ଗଣତି ସାରିଛି। ଏପରିକି ଶିମିଳିପାଳରେ କୁମ୍ଭୀର ଗଣନା ବେଳେ କୁମ୍ଭୀର ସଂଖ୍ୟା ବଢ଼ିଛି। ଗତବର୍ଷ ତୁଳନାରେ ୩ଟି ବଢ଼ିଛନ୍ତି। ବର୍ତ୍ତମାନ ମୋଟ ୮୪କୁ ବୃଦ୍ଧି ପାଇଛି କୁମ୍ଭୀରଙ୍କ ସଂଖ୍ୟା। ତେବେ ସର୍ବାଧିକ ୬୦ କୁମ୍ଭୀର ପଶ୍ଚିମ ଦେଓ ନଦୀରେ ଅଛନ୍ତି ବୋଲି ବନ ବିଭାଗ ପକ୍ଷରୁ ସୂଚ଼ନା ମିଳିଛି।

ଜାନୁଆରୀ ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ କୁମ୍ଭୀର ଗଣନା ହୋଇଥିଲା। ଉତ୍ତର ଓ ଦକ୍ଷିଣ ଶିମିଳିପାଳର ମୋଟ ୧୬ଟି ରେଞ୍ଜରେ ଗଣନା ହୋଇଥିଲା। ପ୍ରତି ରେଞ୍ଜରେ କୁମ୍ଭୀର ଗଣନା ପାଇଁ ରେଞ୍ଜର, ଫରେଷ୍ଟର ଓ କର୍ମଚ଼ାରୀଙ୍କୁ ନେଇ ୩୦ଟି ଟିମରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚ଼ାରୀ ନିୟୋଜିତ ହୋଇଥିଲେ। ଶିମିଳିପାଳ ଓ ଆଖପାଖ ଅଞ୍ଚଳରେ ଅଧିକ ଗୋମୁହାଁ ବା ମଗର ପ୍ରଜାତିର କୁମ୍ଭୀର ଦେଖାଯାଇଥାନ୍ତି। ତେଣୁ ବିଗତ ୩ ଦିନ ମଧ୍ୟରେ ସମସ୍ତ କୁମ୍ଭୀରଙ୍କର ଗଣନା କାର୍ଯ୍ୟ ସମାପନ ହୋଇଥିଲା।

ତେବେ ଏହି ଗଣନାରେ ଶିମିଳିପାଳ ଦକ୍ଷିଣ ବନଖଣ୍ଡରେ ୭୮ଟି କୁମ୍ଭୀର ଥିବା ବେଳେ ଉତ୍ତର ବନଖଣ୍ଡରେ ଗୋଟିଏ ଏବଂ ରାମତୀର୍ଥରେ ୫ଟି କୁମ୍ଭୀର ରହିଛନ୍ତି। ଏହାସହିତ ପଶ୍ଚିମ ଦେଓ ନଦୀରେ ସର୍ବାଧିକ ୬୦ଟି କୁମ୍ଭୀର ରହିଛନ୍ତି। ଏହାସହିତ ବଢ଼ିଥିବା କୁମ୍ଭୀରଙ୍କ ସୁରକ୍ଷା ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚ଼ନା ଦେଇଛନ୍ତି।

## ଭୋଗି ଉତ୍ସବ ବେଳେ ବାଣ ଫୁଟି ୪ ଗୁରୁତର

ରାୟଗଡ଼ା।୧୪।୧(ନି.ପ୍ର.): ରାୟଗଡ଼ା ଯେଦୁ ସାହିରେ ବାଣ ବିସ୍ଫୋରଣରେ ୪ ଜଣ ଗୁରୁତର ହୋଇଛନ୍ତି। ମକର ସଂକ୍ରାନ୍ତି ପାଇଁ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଗତକାଲି ରାତିରେ ଭୋଗି ଉତ୍ସବ ପାଳନ ବେଳେ ନିଆଁରେ ବାଣ ପକାଇବାରୁ ବିସ୍ଫୋରଣ ହୋଇଥିବା ଜଣାପଡିଛି। ଏଥିରେ ବି.ବରନି, ଭି. ଯୋଗୀ, କିଶୋର ଦୋରା ଓ ବାବଲି ରେଡ୍ଡୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚ଼ିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ତେଲୁଗୁ ସମ୍ପ୍ରଦାୟର ମୁଖ୍ୟ ପର୍ବ ମକର ସଂକ୍ରାନ୍ତି । ଏହାର ପୂର୍ବ ଦିନ ପାଳନ କରାଯାଏ ଭୋଗି। ବିଳମ୍ବିତ ରାତିରେ କାଠରେ ନିଆଁ ଲଗାଇ ଭୋଗି ପାଳନ କରାଯାଏ।

## ପଶ୍ଚିମବଙ୍ଗରୁ ନିପା ଭାଇରସ ଚିହ୍ନଟ

ଭୁବନେଶ୍ୱର,୧୪।୧(ନି.ପ୍ର.): ଦ୍ରୁତ ଗତିରେ ବ୍ୟାପୁଛି ନିପା ଭାଇରସ୍ । ପଶ୍ଚିମବଙ୍ଗରୁ ନମୁନା ପଠାଯିବା ପରେ ପୁନେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ନିପା ଭାଇରସକୁ ଚ଼ିହ୍ନଟ କରିଛି। ଏହି ଭାଇରସ ମାରାତ୍ମକ, ଏବଂ ଲକ୍ଷଣ ଦେଖାଦେଲେ, ଜଣେ ବ୍ୟକ୍ତିଙ୍କୁ କୋଭିଡ-୧୯ ପରି କ୍ୱାରେଣ୍ଟାଇନ୍ କରାଯିବା ଉଚ଼ିତ। ନିପା ଭାଇରସ (ଏନଆଇଭି) ଏକ ଗମ୍ଭୀର ସଂକ୍ରମଣ ଯାହା ପଶୁଙ୍କଠାରୁ ମଣିଷକୁ ବ୍ୟାପିଥାଏ। ଏହାକୁ ମାନବ ନିପା ଭାଇରସ ମଧ୍ୟ କୁହାଯାଏ। ଏହାର ଲକ୍ଷଣଗୁଡ଼ିକ ହାଲୁକାରୁ ଗୁରୁତର ପର୍ଯ୍ୟନ୍ତ ହୋଇଥାଏ ଏବଂ ରୋଗୀଙ୍କ ମୃତ୍ୟୁ ମଧ୍ୟ ହୋଇପାରେ। ତେଣୁ, ଏହି ଭାଇରସରୁ ସୁରକ୍ଷିତ ରହିବା ଏବଂ ଏହାର ଲକ୍ଷଣଗୁଡ଼ିକୁ ଶୀଘ୍ର ଚ଼ିହ୍ନିବା ପରେ ନିଜକୁ କ୍ୱାରେଣ୍ଟାଇନ୍ କରିବା ଗୁରୁତ୍ୱପୂର୍ଣ୍ଣ। ନିପା ଭାଇରସର ଲକ୍ଷଣ, ବିପଦ ଏବଂ ପ୍ରତିରୋଧ ବିଷୟରେ ଜାଣନ୍ତୁ।

ନିପା ଭାଇରସର ଲକ୍ଷଣଗୁଡ଼ିକ ମଧ୍ୟରେ ଜ୍ୱର, ମୁଣ୍ଡବ୍ୟଥା, କାଶ, ଗଳା ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ, ବାନ୍ତି, ଲକ୍ଷଣଗୁଡ଼ିକ ଗୁରୁତର ହେବା ସହିତ, ଦ୍ୱନ୍ଦ୍ୱ ସୃଷ୍ଟି ହୁଏ, ମସ୍ତିଷ୍କ ଫୁଲା ଓ ରୋଗୀ କୋମାକୁ ଯାଇପାରନ୍ତି।

ନିପା ଭାଇରସ୍ ସଂସ୍ପର୍ଶରେ ଆସିବାର ୪ ରୁ ୧୪ ଦିନ ପରେ ଲକ୍ଷଣ ଦେଖାଯାଇପାରେ। ସଂକ୍ରମଣର ପ୍ରଥମ ୩ ରୁ ୧୪ ଦିନ ମଧ୍ୟରେ ଜ୍ୱର ଏବଂ ମୁଣ୍ଡବିନ୍ଧା ଭଳି ଲକ୍ଷଣ ଆରମ୍ଭ ହୁଏ। ଶ୍ୱାସକ୍ରିୟା ସମସ୍ୟା ମଧ୍ୟ ଦେଖାଯାଏ। ଅବସ୍ଥା ଖରାପ ହେବା ସହିତ, ମସ୍ତିଷ୍କ ଫୁଲିପାରେ। ଏହି ଫୁଲିଯିବା ଏବଂ ମସ୍ତିଷ୍କ କାର୍ଯ୍ୟକ୍ଷମତା ୨୪ ରୁ ୪୮ ଘଣ୍ଟା ମଧ୍ୟରେ କୋମାକୁ ନେଇପାରେ।

ଏହି ଭାଇରସ୍ ସଂକ୍ରମିତ ପ୍ରାଣୀ ସହିତ ସିଧାସଳଖ ସମ୍ପର୍କ ଦ୍ୱାରା ବ୍ୟାପିପାରେ। ବାଦୁଡ଼ି କିମ୍ବା ଘୁଷୁରୀର ଶରୀର ତରଳ ପଦାର୍ଥ, ଯେପରିକି ରକ୍ତ, ଲାଳ, କିମ୍ବା ପରିସ୍ରା ସହିତ ସମ୍ପର୍କରେ ଆସିବା ଦ୍ୱାରା ନିପା ଭାଇରସ୍ ହୋଇପାରେ। ସଂକ୍ରମିତ ପ୍ରାଣୀକୁ ଖାଇବା ଦ୍ୱାରା ମଧ୍ୟ ଏହି ଭାଇରସ୍ ହୋଇପାରେ। ନିପା ଭାଇରସ୍ ସଂକ୍ରମିତ ବ୍ୟକ୍ତିର ଶରୀର ତରଳ ପଦାର୍ଥ, ଯେପରିକି ପରିସ୍ରା, ମୁଖ ତରଳ ପଦାର୍ଥ, କିମ୍ବା ରକ୍ତ ସହିତ ସମ୍ପର୍କରେ ଆସିବା ଦ୍ୱାରା ବ୍ୟାପିପାରେ।

ନିପା ଭାଇରସ ସଂକ୍ରମଣ ପରେ, ଭାଇରସ ନିଶ୍ଚିତ କରିବା ପାଇଁ ଶୀଘ୍ର ପରୀକ୍ଷା କରାଯାଏ। ଚ଼ିକିତ୍ସା (ନିପା ଭାଇରସ ଚ଼ିକିତ୍ସା) ସହାୟକ ଯତ୍ନ, ବିଶ୍ରାମ, ରୋଗୀକୁ ଜଳୀୟ ରଖିବା ଏବଂ ଦେଖାଯାଉଥିବା ଲକ୍ଷଣ ଉପରେ ଆଧାର କରି ଚ଼ିକିତ୍ସା କରିବା ଜରୁରୀ ହୋଇଥାଏ ।ନିୟମିତ ଭାବରେ ହାତ ଧୋଇବା। କେବଳ ପାଣି ବଦଳରେ ସାବୁନରେ ହାତ ଧୋଇବା ।ଅସୁସ୍ଥ ବାଦୁଡ଼ି କିମ୍ବା ଘୁଷୁରୀଙ୍କ ସଂସ୍ପର୍ଶକୁ ଏଡ଼ାନ୍ତୁ। ପାଣି ପିଇବା କିମ୍ବା ସଂକ୍ରମିତ ପ୍ରାଣୀମାନଙ୍କ ଦ୍ୱାରା ଦୂଷିତ ଅନ୍ୟ କୌଣସି ଉତ୍ପାଦ ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ ।ଭୂମିରେ ପଡ଼ିଥିବା କଞ୍ଚା ଫଳ ଖାଇବାରୁ ଦୂରେଇ ରୁହନ୍ତୁ।

## ଭଦ୍ରକରେ ଶିଶୁ କନ୍ୟା ବିକ୍ରି, କଟକରୁ ଉଦ୍ଧାର

ଭଣ୍ଡାରିପୋଖରୀ ୧୪।୧(ନି.ପ୍ର.): ବିକ୍ରି ହୋଇଥିବା ଶିଶୁକନ୍ୟାକୁ କଟକରୁ ଉଦ୍ଧାର କଲା ଭଣ୍ଡାରିପୋଖରୀ ଥାନା ପୁଲିସ। ଗତକାଲି ଏ ନେଇ ଭଣ୍ଡାରିପୋଖରୀ ଥାନା ବୟାବନାପୁର ଗାଁର ୫୫ ବର୍ଷୀୟା ସାବିତ୍ରୀ ଦାସ ତାଙ୍କ ନାତୁଣୀ (୧ମାସ)ର ଉଦ୍ଧାର ପାଇଁ ପୁଲିସର ହସ୍ତକ୍ଷେପ ଲୋଡ଼ିଥିଲେ। ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ସିପୁ ଓ ବୋହୂ ରୀନା ଗତ ୧୨ ତାରିଖ ପୂର୍ବାହ୍ନ ସମୟରେ ମାସକର ଝିଅ ସହ ଡାକ୍ତରଖାନା ଯାଉଥିବା କହି ଘରୁ ବାହାରି ଯାଇଥିଲେ। ରାତି ପ୍ରାୟ ୮ଟାରେ ଉଭୟ ଘରକୁ ଫେରିଥିଲେ। ମାତ୍ର ସେମାନେ ଶିଶୁକନ୍ୟାକୁ ସାଥିରେ ଆଣି ନଥିଲେ। ଏ ସମ୍ପର୍କରେ ସାବିତ୍ରୀ ପଚ଼ାରିବାରୁ ଉଭୟ ପୁଅ, ବୋହୂ ସାବିତ୍ରୀଙ୍କୁ ଗାଳି ଗୁଲଜ କରିବା ସହ ମାରିବାକୁ ଉଦ୍ୟମ କରିଥିଲେ। ଶିଶୁକନ୍ୟାକୁ ବିକ୍ରି କିମ୍ବା ହତ୍ୟା କରିଥିବା ଆଶଙ୍କା କରି ସାବିତ୍ରୀ ଘଟଣାର ତଦନ୍ତ କରିବାକୁ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଆଜି ପୁଲିସ୍ ବିକ୍ରି ଶିଶୁ କନ୍ୟାଟିକୁ କଟକରୁ ଉଦ୍ଧାର କରିଥିବା ସୂଚ଼ନା ମିଳିଛି।



## ଲିଙ୍ଗରାଜ ମନ୍ଦିରରେ ନୀତିକାନ୍ତି ବନ୍ଦ, ରାତିସାରା ଉପାସରେ ମହାପ୍ରଭୁ

ଭୁବନେଶ୍ୱର,୧୪।୧(ନି.ପ୍ର.): ମକର ସଂକ୍ରାନ୍ତି ଭଳି ଏକ ମହାନ ଦିନରେ ମହାପ୍ରଭୁ ଲିଙ୍ଗରାଜ ଉପବାସରେ ରହିଛନ୍ତି । ମଙ୍ଗଳବାର ସନ୍ଧ୍ୟାଠାରୁ ନୀତିକାନ୍ତି ବନ୍ଦ ରହିଛି । ସେପଟେ ନୀତିକାନ୍ତି ବନ୍ଦ କରିଥିବା ସେବାୟତଙ୍କ ଉପରେ କଡ଼ାରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଏକାମ୍ର ବିଧାୟକ ବାବୁ ସିଂ ଚେତାବନୀ ଦେଇଛନ୍ତି ।

ଗତକାଲି ସନ୍ଧ୍ୟାରେ କ୍ଷୀର ଆଉଟା ନୀତିକୁ ନେଇ ବିବାଦ ସୃଷ୍ଟି ହୋଇଛି । ଉଭୟ ବ୍ରାହ୍ମଣ ଓ ବଡୁ ନିଯୋଗ ସେବାୟତ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି । ଶୀତ ଋତୁରେ ମକର ସଂକ୍ରାନ୍ତିରୁ କୁମ୍ଭ ସଂକ୍ରାନ୍ତି ଯାଏଁ ମହାପ୍ରଭୁଙ୍କ ଔଷଧ ବା ଘୃତଲେପନ ବିଧି କରାଯିବାର ପରମ୍ପରା ରହିଛି । ଏଥିଲାଗି ମକର ସଂକ୍ରାନ୍ତି ପୂର୍ବଦିନ କ୍ଷୀର ଆଉଟା ନୀତି କରାଯାଇଥାଏ । କିନ୍ତୁ ଗତକାଲି ଏହି ନୀତିରେ ବିଭ୍ରାଟ ସୃଷ୍ଟି ହୋଇଥିଲା । ବ୍ରାହ୍ମଣ ନିଯୋଗ ସମସ୍ତ ସରଞ୍ଜାମ ସଜାଡ଼ି ରଖିଥିଲେ । କିନ୍ତୁ ମେଘଡମ୍ବରୁ ଏବଂ କ୍ଷୀର ଆସିନଥିବା ଅଭିଯୋଗ କରି ବଡୁ ସେବାୟତମାନେ ନୀତି କରିବାକୁ ଅଡ଼ି ବସିଥିଲେ । ପରେ ମେଘଡମ୍ବରୁ ଆସିଥିବାବେଳେ କ୍ଷୀର ଆସିନଥିବା ଅଭିଯୋଗ କରିଥିଲେ । ଏହା ମନ୍ଦିରର ପ୍ରଶାସନିକ ଅଧିକାରୀ ଉପସ୍ଥିତ ନଥିବା ମଧ୍ୟ କହିଥିଲେ । ଯାହାକୁ ନେଇ ବିବାଦ ଦେଖାଯିବା ପରେ ବଡୁ ସେବାୟତ ମାନେ ପହୁଡ଼ ପକାଇ ଦେଇଥିଲେ। ତେବେ ୨୦୨୪ ଯାଏଁ ବଡୁ ସେବାୟତ ଘୃତକମଳ ନୀତି କରୁଥିଲେ । କିନ୍ତୁ ୨୦୨୫ରେ ଏହି ନୀତିରେ ପରିବର୍ତ୍ତନ କରାଯାଇଛି । ବଡୁ ନିଯୋଗ ବଦଳରେ ବ୍ରାହ୍ମଣ ନିଯୋଗ ଏହି ବିଧି କରିଥିଲେ । କାହିଁକି ନୀତିରେ ପରିବର୍ତ୍ତନ ହେଲା ବୋଲି ବଡୁ ନିଯୋଗ ପ୍ରଶ୍ନ କରିଛି ।



ମକର ଭଳି ଦିନରେ ମହାପ୍ରଭୁ ଲିଙ୍ଗରାଜଙ୍କୁ ଉପବାସରେ ରଖିବା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଶକ୍ତ ଧକ୍କା ଦେଇଛି । ଉଭୟ ମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କୁ ଶ୍ରଦ୍ଧାଳୁମାନ ଦାୟୀ କରିଛନ୍ତି । ଆଜି ସକାଳେ ଏକାମ୍ର ବିଧାୟକ ବାବୁ ସିଂ ଏ ନେଇ ପ୍ରତିକ୍ରିୟା ରଖିଛନ୍ତି । ବାବା ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ନଦେବାକୁ ବିଧାୟକ ସେବାୟତମାନଙ୍କୁ ଅନୁରୋଧ କରିଛନ୍ତି । ସରକାର ଯଦି ଶୁଣିନାହାନ୍ତି ପୂଜା ପରେ ଆଲୋଚ଼ନା ହୋଇପାରିବ । ଯେଉଁମାନେ ନୀତିକାନ୍ତି ବନ୍ଦ କରିଛନ୍ତି ସେମାନଙ୍କର ସେବା କରିବାକୁ ଯୋଗ୍ୟତା ନଥିବା ବିଧାୟକ କ୍ଷୋଭର ସହ ପ୍ରକାଶ କରିଛନ୍ତି । ନୀତିକାନ୍ତି ବନ୍ଦ ରଖିଥିବା ସେବାୟତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାବୁ ସିଂ କହିଛନ୍ତି । ମହାପ୍ରଭୁ ଲିଙ୍ଗରାଜ ଉପବାସରେ ରହିବା କିଛି ନୂଆ ଘଟଣା ନୁହେଁ । ବିଭିନ୍ନ ପର୍ବପର୍ବାଣୀରେ ସେବାୟତଙ୍କ ଏଭଳି ମନମୁଖୀ କାର୍ଯ୍ୟ ଦେଖିବାକୁ ମିଳିଛି । ମହାଶିବରାତ୍ରିରେ ମଧ୍ୟ ଅନୁରୂପ ପରିସ୍ଥିତି ଉତ୍ପନ୍ନ ହୋଇଥିଲା ।

## ଓଡିଆ ଭାଷାରେ ସରକାରୀ କାମ

ଭୁବନେଶ୍ୱର,୧୪।୧(ନି.ପ୍ର.): ଏଣିକି ଓଡିଆ ଭାଷାରେ ହେବ ସମସ୍ତ ସରକାରୀ କାର୍ଯ୍ୟ । ଏ ନେଇ ସମସ୍ତ ବିଭାଗ ଓ ଜିଲ୍ଲାପାଳ ମାନଙ୍କୁ ଚ଼ିଠି ହୋଇଛି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି ହୋଇଛି । ସମସ୍ତ ନୋଟିସ୍, ବିଜ୍ଞପ୍ତି, ପତ୍ର ବିନିମୟ ଓଡିଆରେ ହେବ। ଏଥିରେ ଖିଲାପ କଲେ ତାଗିଦ୍ ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଛି। ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ତଥା ବ୍ଲକ, ଜିଲ୍ଲା ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ। ଏନେଇ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଅଧସ୍ତନ କାର୍ଯ୍ୟାଳୟ, ସରକାରଙ୍କ ଦ୍ୱାରା ପରିଚ଼ାଳିତ ସମସ୍ତ ଅନୁଷ୍ଠାନ ଯେପରିକି ବିଭିନ୍ନ ନିଗମ, ପୌରସଂସ୍ଥା ଓ ସ୍ୱୟଂଚ଼ାଳିତ ସଂସ୍ଥା ଇତ୍ୟାଦି ଏହି ନିର୍ଦ୍ଦେଶକୁ ପାଳନ କରିବେ। ଯେଉଁ ଅଧିକାରୀ ଏହାର ଖିଲାପ କରିବେ ତାଙ୍କୁ ତାଗିଦ୍ କରାଯିବା ସହ କାରଣ ଦର୍ଶାଅ ନୋଟିସ୍ ଜାରି ହେବ।

## ପୋଙ୍ଗଲ ପାଳିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ ୧୪।୧(ନି.ପ୍ର): : ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୃଷିଭିତ୍ତିକ ପର୍ବ ପୋଙ୍ଗଲ ପାଳିଛନ୍ତି। କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗନଙ୍କ ଦିଲ୍ଲୀ ଘରେ ପୋଙ୍ଗଲ ପାଳିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏପରିକି କିଛି ଗାଈ ମାନଙ୍କୁ ଖାଇବାକୁ ମଧ୍ୟ ଦେଇଛନ୍ତି। ଏହି ଅବସର ? ?ରେ ପ୍ରଧାନମନ୍ତ୍ରୀ କହିଛନ୍ତି ପୋଙ୍ଗଲ ଏକ ବିଶ୍ୱସ୍ତରୀୟ ପର୍ବ ପାଲଟିଛି। ସାରା ବିଶ୍ୱରେ, ତାମିଲ ସମ୍ପ୍ରଦାୟ ଏବଂ ତାମିଲ ସଂସ୍କୃତିକୁ ପ୍ରଶଂସା କରୁଥିବା ଲୋକମାନେ ପୋଙ୍ଗଲକୁ ବହୁତ ଉତ୍ସାହର ସହିତ ପାଳନ କରନ୍ତି। ଏବଂ ମୁଁ ସେମାନଙ୍କ ମଧ୍ୟରୁ ଜଣେ ହୋଇଥିବାରୁ ଗର୍ବିତ। ତାମିଲ୍ ସଂସ୍କୃତି ପୁରାତନ ସଂସ୍କୃତି ଏବଂ ପୂରା ବିଶ୍ୱକୁ ବାଟ ଦେଖାଇଛି ।

## ନିୟମ ଭାଙ୍ଗିଲେ କଟିବ ଡିଏଲ୍

ଭୁବନେଶ୍ୱର,୧୪।୧(ନି.ପ୍ର): ଡ୍ରାଇଭିଂ ଲାଇସେନ୍ସ ନିୟମରେ ହେବ ବଡ଼ ପରିବର୍ତ୍ତନ । ଗାଡି ଚ଼ାଳକ ନିୟମ ଭାଙ୍ଗିଲେ କଟିବ ଡଖ । ମହଙ୍ଗା ହେବ ବୀମା । ସଡ଼କ ଦୁର୍ଘଟଣା ରୋକିବା ଓ ଟ୍ରାଫିକ୍ ନିୟମକୁ ଅଧିକ କଡ଼ାକଡ଼ି କରିବା ପାଇଁ କେନ୍ଦ୍ର ସରକାର 'ପେନାଲ୍ଟି ପଏଣ୍ଟ' ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି । ଖୁବଶୀଘ୍ର ଏହି ନିୟମ ଲାଗୁ ହେବ । ତେଣୁ ଏଣିକି କେବଳ ଟ୍ରଫିକ ନିୟମ ଭାଙ୍ଗିଲେ ଚ଼ାଲାଣରେ କାମ ସରିବ ନାହିଁ, ବରଂ ଏହା ଡ୍ରାଇଭରଙ୍କ ପକେଟ୍ ଏବଂ ଲାଇସେନ୍ସ ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇବ ।

ସେହିପରି ଗାଡିର ବୀମା ଉପରେ ମଧ୍ୟ ଏହାର ବଡ ପ୍ରଭାବ ପଡିବ । ଯଦି ଅଧିକ ନିୟମ ଭାଙ୍ଗନ୍ତି ଏବଂ ପେନାଲ୍ଟି ପଏଣ୍ଟ ଅଧିକ ରୁହେ, ତେବେ ବୀମା କମ୍ପାନୀଗୁଡ଼ିକ ଆପଣଙ୍କୁ ଜଣେ 'ବେପରୁଆ ଚ଼ାଳକ' ଭାବେ ଗଣନା କରିବେ । ଫଳରେ ଗାଡ଼ି ବୀମା ନବୀକରଣ ସମୟରେ ଅଧିକ ପ୍ରିମିୟମଦେବାକୁ ପଡ଼ିବ । ଅର୍ଥାତ୍ ଭଲ ଗାଡ଼ି ଚ଼ାଳକଙ୍କୁ କମ୍ ଟଙ୍କା ଏବଂ ନିୟମ ଭାଙ୍ଗୁଥିବା ଚ଼ାଳକଙ୍କୁ ଗାଡି ବୀମା ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ିବ । ନୂଆ ନିୟମ ଅନୁଯାୟୀ ଡ୍ରାଇଭିଂ ଲାଇସେନ୍ସ ସହିତ ଗାଡ଼ିର ବୀମା ମଧ୍ୟ ସଂଯୋଗ ହେବ। ପ୍ରତ୍ୟେକ ଡ୍ରାଇଭିଂ ଲାଇସେନ୍ସରେ କିଛି ନିର୍ଦ୍ଦିଷ୍ଟ ପଏଣ୍ଟ ରହିବ । ଯଦି ଗାଡି ଚ଼ାଳକ କୌଣସି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରନ୍ତି ତେବେ ଜରିମାନା ସହିତ ସଂପୃକ୍ତ ଡ୍ରାଇଭରଙ୍କ ଲାଇସେନ୍ସରୁ ପଏଣ୍ଟ କଟାଯିବ । ଓଭର ସ୍ପିଡିଂ, ବେପରୁଆ ଗାଡ଼ି ଚ଼ାଳନା ବା ହେଲମେଟ୍ ନପିନ୍ଧିବା ପାଇଁ ଡ୍ରାଇଭରଙ୍କ ଲାଇସେନ୍ସରୁ ପଏଣ୍ଟ କଟିବ । ଯଦି ଏହି ପଏଣ୍ଟ ନିର୍ଦ୍ଦିଷ୍ଟ ସୀମା ପାର୍ କରିଯାଏ, ତେବେ ଲାଇସେନ୍ସ ରଦ୍ଦ ହୋଇପାରେ କିମ୍ବା ଆପଣଙ୍କୁ ପୁଣିଥରେ ଡ୍ରାଇଭିଂ ଟେଷ୍ଟ ଦେବାକୁ ପଡ଼ିପାରେ । ସୁରକ୍ଷିତ ଡ୍ରାଇଭିଂ, ଡିଜିଟାଲ୍ ଟ୍ରାକିଂ ଓ ଦୁର୍ଘଟଣା ହ୍ରାସ କରିବା ଏହାର ଲକ୍ଷ୍ୟ ରହିଛି ।

## ମାଞ୍ଜା ସୂତାରେ ଯୁବକ ଗୁରୁତର

ଭୁବନେଶ୍ୱର,୧୪।୧(ନି.ପ୍ର): ମକର ସଂକ୍ରାନ୍ତିରେରେ ରାଜଧାନୀରେ ଅଘଟଣ। ମାଞ୍ଜା ସୁତାରେ ଯୁବକଙ୍କର କଟିଗଲା ବେକ। ଗୁରୁତର ଅବସ୍ଥାରେ ଯୁବକଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତି କରାଯାଇଛି। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଖବର ଦେଲେ ଡାକ୍ତର। ଖବର ପାଇ କମିଶନରେଟ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ନମ୍ବର ମାର୍କେଟରେ ଚ଼ଢ଼ାଉ କରିଛି । ଚ଼ଢ଼ାଉ ବେଳେ ବିପୁଳ ପରିମାଣରେ ମାଞ୍ଜା ସୁତା ଜବତ ହୋଇଛି।

ସୂଚ଼ନା ଅନୁସାରେ, ବିଗତ ୧ ମାସ ପୂର୍ବରୁ କମିଶନରେଟ୍ ପୋଲିସ ପକ୍ଷରୁ ମାଞ୍ଜା ସୁତା ବିକ୍ରି ପାଇଁ କଟକଣା ଜାରି କରାଯାଇଛି। କିଛି ବ୍ୟବସାୟୀ ଏହି ନିୟମକୁ ମାନୁଥିବା ବେଳେ ଅନ୍ୟ ବ୍ୟବସାୟୀ ମାନେ ଏହି କଟକଣାକୁ ଅବମାନନା କରୁଛନ୍ତି।

## ଥାଇଲାଣ୍ଡରେ ଟ୍ରେନ ଦୁର୍ଘଟଣା, ୨୨ ମୃତ

ବ୍ୟାଙ୍କକ,୧୪।୧: ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ଅତି କମରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି। ପୋଲିସ କହିଛି ଯେ ଏହି ଦୁର୍ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ବ୍ୟାଙ୍କକରୁ ଉତ୍ତର-ପୂର୍ବ ଥାଇଲାଣ୍ଡକୁ ଯାତ୍ରା କରୁଥିବା ଏକ ଟ୍ରେନ୍ ଏକ ନିର୍ମାଣାଧୀନ କ୍ରେନ୍ ଟ୍ରେନ ବଗି ଉପରେ ଖସିପଡ଼ିବାରୁ ଲାଇନଚ୍ୟୁତ ହୋଇଥିଲା। ନାଖୋନ୍ ରାଚ଼ାସିମା ପ୍ରଦେଶର ସ୍ଥାନୀୟ ପୋଲିସ ମୁଖ୍ୟ ଥାଚ଼ାପୋନ୍ ଚ଼ିନାଓ୍ୱଙ୍ଗ କହିଛନ୍ତି, ୨୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ରୁ ଅଧିକ ଆହତ ହୋଇଛନ୍ତି। ବ୍ୟାଙ୍କକରୁ ୨୩୦ କିଲୋମିଟର ଉତ୍ତର-ପୂର୍ବରେ ଅବସ୍ଥିତ ନାଖୋନ୍ ରାଚ଼ାସିମା ପ୍ରଦେଶର ଶିଖିଓ ଜିଲ୍ଲାରେ ବୁଧବାର ସକାଳେ ଏହି ଦୁର୍ଘଟଣା ଘଟିଛି। ଟ୍ରେନ୍‌ଟି ଉବୋନ୍ ରାଚ଼ାଥାନି ପ୍ରଦେଶକୁ ଯାଉଥିଲା।



ଆଞ୍ଚଳିକ ମନ୍ଥନ

ଗୁରୁବାର, ୧୫, ଜାନୁଆରୀ, ୨୦୨୬ Thursday,15January 2026, Bhubaneswar





# କୃଷିଆପାଳ ଧାନ ମଣ୍ଡି ଉଦଘାଟିତ

କେନ୍ଦ୍ରାପଡ଼ା,୧୪।୧:(ମନ୍ଥନ)ଡେରାବିଶ ବ୍ଲକ ଅଧିନ କୁଶିଆପାଳ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ସନ୍ଧ୍ୟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ପ୍ରଯୁକ୍ତି ବିଜ୍ଞାନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚଳିତ ବର୍ଷର ଧାନ ମଣ୍ଡିକୁ ଉଦଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଆଜି ସୁଦ୍ଧା ରାଜ୍ୟରେ ୧୮ଲକ୍ଷ ମେଟ୍ରିକ ଟନ ଧାନ ଚାଷିମାନଙ୍କ ଠାରୁ କ୍ରୟ କରାଯାଇଥିବା ନେଇ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଘୋଷଣା କରିଥିବା ଧାନର କ୍ରୟ ମୁଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବା ସହ ଏହି ଅର୍ଥ ପଞ୍ଜିକୃତ ସମସ୍ତ ଚାଷିଙ୍କ ବ୍ୟାଙ୍କ ଜମାଖାତାକୁ ପଠାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଥିଲେ। ଗତ ୧୬ ମାସ ମଧ୍ୟରେ ଅନ୍ନଦାତାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ସରକାର ସଙ୍କଳବଦ୍ଧ। ପ୍ରତ୍ୟେକ ଚାଷିମାନଙ୍କ ଧାନକୁ କ୍ରୟ କରାଯିବା ସହ କୌଣସି ଅସୁବିଧା ଉପୁଜିଲେ ବିଭାଗ ପକ୍ଷରୁ ଦିଆଯାଇଥିବା ଟୋଲ ଫ୍ରି ନମ୍ବର କିମ୍ବା ତାଙ୍କୁ ବ୍ୟକ୍ତିଗତ ଭାବେ ଚାଷୀମାନେ ଅଭିଯୋଗ କରିପାରିବେ ବୋଲି ମନ୍ତ୍ରୀ ଦୃଢୋକ୍ତି କରିଥିଲେ। ଅନ୍ନଦାତା ଓ ମହିଳାଙ୍କ ବିକାଶ ପାଇଁ ସରକାର ସଙ୍କଳ୍ପ ବଦ୍ଧ ହୋଇଥିବା ବେଳେ ସମସ୍ତ ମଣ୍ଡିରେ



ଚାଷିମାନେ କିପରି ସୁବିଧାରେ ସେମାନଙ୍କ ଉତ୍ପାଦିତ ଧାନକୁ ବିକ୍ରୟ କରିପାରିବେ ସେଦିଗରେ ସମସ୍ତ ଉଦ୍ୟମ କରାଯାଉଥିବା ମନ୍ତ୍ରୀ ପାତ୍ର କହିଥିଲେ। ସମବାୟ ସମିତି ପରିଚାଳନା ପରିଷଦ ସଭାପତି ନାରାୟଣ ପ୍ରସାଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ଜିଲାପାଳ ଅରୁଣ କୁମାର ନାୟକ, ଡେରାବିଶ ପଂଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ, ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣି, ଜିଲା ସମବାୟ ସମୂହର ସହକାରୀ ନିବନ୍ଧକ ପ୍ରଭାକର ନାୟକ, ସହକାରୀ ଉପ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ, ଡେରାବିଶ ବିଡିଓ ନମିତା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଡେରାବିଶ ବ୍ଲକ ଅଂଚଳକୁ ମନ୍ତ୍ରୀଙ୍କ ପ୍ରଥମ ଗସ୍ତ ଅବସରରେ ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ସ୍ୱାଗତ କରିଥିଲେ। ଏହି ଅବସରରେ ସମବାୟ ସମିତି ସମ୍ପାଦକ ମତ୍ୟୁଞ୍ଜୟ ଦାସଙ୍କୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ମନ୍ତ୍ରୀ ପାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ଈଶ୍ୱରଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସହସମ୍ପାଦକ ମାନସ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ବ୍ଲକ ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ, ଡିଇଓ ଧୃବଚରଣ ନାୟକ, ଅଗ୍ରଣୀ ଚାଷୀ ଫଗୁଚରଣ ସାହୁଙ୍କ ସମେତ ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ ଓ ସମବାୟ ସମିତିର କର୍ମଚାରୀମାନେ ସହଯୋଗ କରିଥିଲେ।

# ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ରାୟଗଡ, ୧୪।୧:(ମନ୍ଥନ)।ଜଳ ସଂରକ୍ଷଣ, ସୁଚିତ ପାଣି ବ୍ୟବହାର ଏବଂ ସ୍ଥାନୀୟ ସ୍ତରରେ ପାଣି ପରିଚାଳନାକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ରାୟଗଡା ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ-୨୦୨୬ ଉତ୍ସବ ଭବ୍ୟ ଭାବରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ସରସ୍ୱତୀ ମାଝୀ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ସମାଧାନ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓ ପାଣି ପଞ୍ଚାୟତ ସଦସ୍ୟମାନଙ୍କ ସମନ୍ୱିତ ପ୍ରୟାସ ଆବଶ୍ୟକ । ସମୟରେ ସିଚାଇ ପାଣି ଯୋଗାଣ, ନାଳ ଓ କ୍ୟାନାଲର ସଠିକ୍ ରକ୍ଷଣାବେକ୍ଷଣ ଏବଂ ପାଣିର ସମବଣ୍ଟନ ସୁନିଶ୍ଚିତ ହେଲେ ଚାଷୀମାନଙ୍କ ଅନେକ ସମସ୍ୟା ସ୍ୱତଃସ୍ଫୁର୍ତ୍ତ ଭାବେ ଦୂର ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ।ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏସ୍.କେ. ହେଶାନ, ଅଧିକ୍ଷଣ ଯନ୍ତ୍ରୀ (କ୍ଷୁଦ୍ର ଜଳସେଚନ) ଶ୍ରୀ ଜଗନ୍ନାଥ ମଲ୍ଲିକ, ନିର୍ବାହୀ ଯନ୍ତ୍ରୀ (ବୃହତ ଉଠା ଜଳସେଚନ) ପାରଳାଖେମୁଣ୍ଡିର ଶ୍ରୀ ସନ୍ତୋଷ ନାୟକ, ଓ.ସି.ସି.ର ବରିଷ୍ଠ ପରିଚାଳକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାଥୁଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦୁର୍ଯ୍ୟଧନ ଜାନି, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଓ.ସି.ସି. ପରିଚାଳକ ଶ୍ରୀ ଯଜ୍ଞ ପ୍ରସାଦ ପ୍ରଧାନ ଓ ଉଠା ଜଳସେଚନ



ବିଭାଗର ସହକାରୀ ଯନ୍ତ୍ରୀ ଗୁଣୁପୁରର ଶ୍ରୀ ମୋହନ ବେହେରା ଉପସ୍ଥିତ ଥିଲେ । ଅତିଥିମାନେ ଚାଷୀମାନଙ୍କୁ ସରକାରଙ୍କ ବିଭିନ୍ନ ଜଳସେଚନ ଯୋଜନା ଓ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ । ସେମାନେ କହିଥିଲେ ଯେ, ପୃଥିବୀର ତିନିଭାଗ ଜଳ ଥିବା ସତ୍ତ୍ୱେ ଉପଯୁକ୍ତ ପରିଚାଳନା ଅଭାବରୁ ଚାଷୀମାନେ ଆବଶ୍ୟକ ଅନୁଯାୟୀ ପାଣି ପାଇ ପାରୁନାହାନ୍ତି, ଯାହା ଚାଷ ଉନ୍ନତିରେ ବଡ଼ ବାଧା ସୃଷ୍ଟି କରୁଛି । ଜଳ ସଂରକ୍ଷଣ ଓ ସୁଚିତ ବ୍ୟବହାର ମାଧ୍ୟମରେ ସରକାର ଚାଷୀଙ୍କ ନିକଟରେ ପାଣି ପହଞ୍ଚାଇବାକୁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ସେମାନେ ଉଲ୍ଲେଖ କରିଥିଲେ । ଶ୍ରୀମତୀ ମାଝୀ ତାଙ୍କ ବକ୍ତବ୍ୟରେ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀମାନଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରି ତାଙ୍କ ଅଭିଯୋଗ ଓ ଆବଶ୍ୟକତାକୁ ଗୁରୁତ୍ୱ ସହ ବିଚାର କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଚାଷୀଙ୍କ ହିତ ସୁରକ୍ଷା ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସ ଅତ୍ୟାବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ଆୟୋଜିତ କୁଇଜ୍, ବକ୍ତୃତା, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀ- ନମିତା ଶବର, ବଜରାଜ ଶବର, ରମାକାନ୍ତ ବେହେରା, ଦେବକୀ ଗୋହିରି, ଆଶୀର୍ବାଦ ଦୋରା, ଲିପି ପୃଷ୍ଟି, କୃଷ୍ଣରାଣୀ ରଣା, ଶ୍ରାବଣୀ ପ୍ରଧାନ, ଶୁଭଶ୍ରୀ ପରିଡା, ଶିରଶା କୁମ୍ଭାର, ଚନ୍ଦିନୀ ଶବର, ଜଗନ୍ ପାଲକା, ମାନସ ସାମଲ, ସ୍ୱର୍ଣ୍ଣ ରୂପା ମହାପାତ୍ର ଓ ଲିକି ଶବରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହି ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀ, ପାଣି ପଞ୍ଚାୟତ ସଦସ୍ୟ ଓ ସରକାରୀ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଅଧିକ ସୁଦୃଢ଼ ହେବା ସହ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ସୁଚିତ ବ୍ୟବହାର ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ କରାଯାଇଛି।

# କଟକ ସହରର ବିକାଶ ପାଇଁ ଆର ଆଣ୍ଡ ବି ଅଧିକାରୀଙ୍କ ସହିତ ବିଧାୟିକା ସୋଫିଆ ଫିରଦୋଷଙ୍କ ସମୀକ୍ଷା

କଟକ,୧୪।୧:(ମନ୍ଥନ)ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ବିକାଶ ଓ ଜନସାଧାରଣଙ୍କ ସୁବିଧାକୁ ପ୍ରାଥମିକତା ଦେଇ ବିଧାୟିକା ସୋଫିଅ। ଫିରଦୋଷ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଆଜି ମଧ୍ୟାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟିକା କଟକ ସହରରେ ଆର.ଆଣ୍ଡ.ବି ବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତାଘାଟ ଓ କୋଠାବାଡ଼ିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ପଚାରି ବୁଝିବା ସହ ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ବୈଠକରେ ଉପସ୍ଥିତ ଥିବା ଚିଫ୍ କନଷ୍ଟ୍ରକସନ ଇଞ୍ଜିନିୟର ତ୍ରିନାଥ ବେହେରା ଏବଂ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ମହମ୍ମଦ ସେହେବାଜ ସହରର ସମସ୍ତ ପ୍ରମୁଖ ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟର ବିବରଣୀ ବିଧାୟିକାଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଧାର୍ଯ୍ୟ ସମୟ ମଧ୍ୟରେ ଉନ୍ନତମାନର କାର୍ଯ୍ୟ ସମ୍ପାଦନ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଧାୟିକା ଚହଟା ଅଞ୍ଚଳରେ ଚାଲିଥିବା ୬-ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟର ତଦାରଖ କରିବାକୁ ଯାଇଥିଲେ । ସେଠାରେ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିବା ସମୟରେ ରାସ୍ତା କାମ ଯୋଗୁଁ ପ୍ରବଳ ଧୂଳି ଉଡୁଥିବା ସେ ଲକ୍ଷ୍ୟ କରିଥିଲେ, ଯାହାଫଳରେ ସ୍ଥାନୀୟ ବାସିନ୍ଦା ଓ ପଥିକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ବିଧାୟିକା ନିର୍ମାଣ ସ୍ଥଳରେ ପ୍ରତିଦିନ ନିୟମିତ ଭାବେ ପାଣି ସିଞ୍ଚନ କରିବାକୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଧୂଳି ସମସ୍ୟାର ସମାଧାନ କରିବା ସହିତ ଲୋକଙ୍କ ସୁବିଧା ପାଇଁ ଏହି ରାସ୍ତା କାର୍ଯ୍ୟକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ବିଭାଗୀୟ ଯନ୍ତ୍ରୀ ଓ ଠିକା ସଂସ୍ଥାକୁ ତାଗିଦ କରିଛନ୍ତି । ଏହି ପରିଦର୍ଶନ ସମୟରେ ବହୁ ବିଭାଗୀୟ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ମଧ୍ୟ ଉପସ୍ଥିତ ଥିଲେ ।

# ନୟାଗଡ଼ରେ କଂଗ୍ରେସର ଚାଷୀ ନ୍ୟାୟ ସମାବେଶ

ନୟାଗଡ଼,୧୪।୧:(ମନ୍ଥନ)ନୟାଗଡ଼ ଜିଲ୍ଲା ପୁରୁଣା ଜେଲ ଜାଗାରେ କଂଗ୍ରେସ ପକ୍ଷରୁ ବିରାଟ ଚାଷୀ ନ୍ୟାୟ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଚାଷୀଙ୍କୁ ବିଜେପି ସରକାର ଲୁଟୁଛନ୍ତି ବୋଲି ଅଭିଯୋଗ କରିଥିଲେ । ନ୍ୟାୟ ପାଇଁ ଚାଷୀ ଲଢ଼ିବା ଦରକାର ଏଥିପାଇଁ କଂଗ୍ରେସ ସଂଗ୍ରାମ କରିବ ବୋଲି ଆହ୍ୱାନ ଦେଇଛନ୍ତ । ପିସିସି ସଭାପତି କହିଲେ କଟନୀଛଟନୀ ଯୋଗୁ ଚାଷୀ କ୍ୟୁଣ୍ଟାଲ ପିଛା ୩୦୦ ରୁ ୩୧୦ ଟଙ୍କା ହରାଉଥିବା ବେଳେ ଅଭାବୀ ବିକ୍ରି ଯୋଗୁ ୧୧୦୦ ରୁ ୧୨୦୦ଟଙ୍କା ହରାଉଥିବାରୁ ତାର ଆର୍ଥିକ ସ୍ଥିତି ସୁଦୃଢ ହେଇପାରିବ ନାହିଁ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ଏଥିରେ ମଣ୍ଡି ଅବ୍ୟବସ୍ଥା, କଟନୀ ଛଟନୀ ବନ୍ଦ କରିବା, ଅଭାବୀ ଧାନ ବିକ୍ରିରୁ ମୁକ୍ତ କରିବା ପରି ଅନେକ ଦାବି ରହିଛି ।୧୯୭୫ ମସିହାରେ ନୟାଗଡ଼ ଜିଲ୍ଲାର ଲୋକ ଲାଠି ଧରି ଜଙ୍ଗଲ ବଞ୍ଚାଇ




ଥିଲେ ଏଥିପାଇଁ ନୟାଗଡ଼ର ନାଁ ଇତିହାସରେ ରହିଛି । ଏଣୁ ସରକାର ଗାଁ ଲୋକଙ୍କ ହାତରେ ଜଙ୍ଗଲ ଦାୟିତ୍ୱ ଦେଇଥିଲେ । ଅପରପକ୍ଷେ ନାରୀଙ୍କ ଉପରେ ଅତ୍ୟାଚାର ବଢିଛି ସରକାର ନାରୀଙ୍କୁ ନ୍ୟାୟ ଦେଇପାରୁନାହାନ୍ତି ବେକାର ବଢ଼ି ଚାଲିଛି ମହାତ୍ମା ଗାନ୍ଧୀ ଦେଶ ସ୍ୱାଧୀନ କରିଥିଲେ । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତନ ସାଙ୍ଗକୁ ସରକାର ଗାଁଲୋକଙ୍କୁ କାମ ନମିଳିବାର ବ୍ୟବସ୍ଥା କରିବାରୁ ଦାଦନ ବଢିବ । ସରକାର ଓ ଟାଟା ପାୱାର ଉଭୟଙ୍କ ସଲା ସୁତୁରା ଯୋଗୁ ଖାଉଟିଙ୍କ ଉପରେ ଜୁଲୁମ ବଢିଛି ଚୁପ ହୋଇ ବସିଲେ ନ୍ୟାୟ ମିଳିବ ନାହିଁ ସରକାର ନ୍ୟାୟ ଦେଉ ନଥିବାରୁ ଲଢେଇ କରିବାକୁ ପଡିବ ଗାଁ ଗାଁରେ ଚାଷୀ, ଯୁବକ ଓ ଭୋଟର ସଜାଗ ହେବାକୁ ପଡିବ ଲୋକଙ୍କୁ ଭୟ ମୁକ୍ତ କରିବା ପାଇଁ ସଚେତନତା କରିବା ଦରକାର ଭ୍ରଷ୍ଟାଚାର, ଅନ୍ୟାୟ, ଦୁର୍ନୀତି ହଟିବା ପାଇଁ ଆନ୍ଦୋଳନ ଦରକାର ବୋଲି କହିଥିଲେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କିସାନ କଂଗ୍ରେସ ସଭାପତି ବସନ୍ତ କର, ବରିଷ୍ଠ ନେତା ହୁସେନ ଖାଁ, ସରୋଜ ପରିଡା, ସତ୍ୟବ୍ରତ ନାୟକ, ମନୋଜ ସାହୁ, ବିଭୁ ମିଶ୍ର, ମଦନ ବିଶୋଇ ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଜାତୀୟରାଜପଥ ଉପରେ ମୁକୁଳା ପଡିଛି ବିଦ୍ୟୁତ ତାର ଜୀବନପ୍ରତି ବିପଦ ଥିବା ନେଇ ଅଭିଯୋଗ

ପିପିଲି,୧୪।୧:(ମନ୍ଥନ)ଭୁବନେଶ୍ୱର ପୁରୀ ଜାତୀୟରାଜପଥ ର ପୋଟଳ ଛକ ସହିତ ବିଭିନ୍ନ ସ୍ଥାନରେ ଖୋଲା ମୁକୁଳା ଭାବେ ପଡିଛି ଷ୍ଟିଟ ଲାଇଟ କୁ ସଂଯୋଗ ହୋଇଥିବା ବିଦ୍ୟୁତ ତାରୟ ଏନେଇ ଜାତୀୟରାଜପଥ ଅଧିକାରୀ ହେଉକି ବିଦ୍ୟୁତ ବିଭାଗ କୁ ବାରମ୍ବାର ଅଭିଯୋଗ କଲେ ବି ସୁଧା ସେଥିପ୍ରତି ସେମାନେ କୌଣସି ପ୍ରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି । ସୁଚନା ଥାଉକି ପ୍ରଭୁ ଜଗନ୍ନାଥ ଙ୍କ ଦର୍ଶନ ପାଇଁ ପୁରୀ କୁ ପ୍ରତ୍ୟକଦିନ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଛିୟ ଜାତୀୟରାଜପଥ ର ଉଭୟ ପାର୍ଶ୍ୱରେ ଆଲୋକୀକରଣ ପାଇଁ ସରକାରଙ୍କ ପକ୍ଷରୁ ମିଡିୟମରେ ଷ୍ଟିଟ ଲାଇଟ ର ବ୍ୟବସ୍ଥା କରାଯାଇଛି । କିନ୍ତୁ ସେହି ଷ୍ଟିଟ ଲାଇଟ ଜଳିବା ପାଇଁ ବ୍ୟବହୃତ ବିଦ୍ୟୁତ ତାର ସଂଯୋଗ ଏବେ ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ପଡିଥିବାରୁ ଏବେ ଜନସାଧାରଣଙ୍କ ସହିତ ଗାଇଗୋରୁଙ୍କ ପାଇଁ ବିପଦ ସାଜିଛି । ଏହି ଚଲା ରାସ୍ତା ଦେଇ ସ୍କୁଲ ପିଲା ଯାଉଥିବା ବେଳେ କେତେବେଳେ ଯେ ବିଦ୍ୟୁତ ସଂସ୍ପର୍ଶ ରେ ନଆସିବେ କହିବା ମୁସ୍କିଲ ହୋଇପଡିଛି । ଏହି ବିପଦପୂର୍ଣ୍ଣ ତାରକୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ସ୍ଥାନୀୟ ଲୋକଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ ବାରମ୍ବାର ଅଭିଯୋଗ କଲେ ସୁଧା ବିଭାଗିୟ ଅଧିକାରୀ ଏଦିଗ ପ୍ରତି କର୍ଣ୍ଣପାତ ନକରି ଚୁପ ବସି ରହିଛନ୍ତି । ଏହି ଭଳି ଘଟଣା ପାଇଁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ କଳାପକୁ ନେଇ ଚାରିଆଡୁ ଘୋର ନିନ୍ଦା କରିଛନ୍ତି । ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହି ଘଟଣା ପ୍ରତି ଯତ୍ନବାନ ହୋଇ ବିଦ୍ୟୁତ ତାର କୁ ସୁରକ୍ଷିତ ସ୍ଥାନକୁ ନେବାକୁ ବ୍ୟବସ୍ଥା କରିବା ସହ ବିଦ୍ୟୁତ ବିଭାଗ ର ବେପାରୁଆ। ମଣିଷମରା ନିତୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

# ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗର ଏକଦିବସୀୟ ଜାତୀୟ ସେମିନାର ଅନୁଷ୍ଠିତ



ପାରାଦୀପ,୧୪।୧:(ମନ୍ଥନ)ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ଦ୍ୱାରା ସାଧାରଣ ପାଠ୍ୟ ପଦ୍ଧତି ବାହାରେ ଇତିହାସ ଅନୁଶୀଳନ ଓ ପୁନର୍ଲିଖନ ଉପରେ ଏକଦିବସୀୟ ଜାତୀୟ ସେମିନାର ସୋମବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସେମିନାର ର ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ମହାବିଦ୍ୟାଳୟ ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀ ପୌରହିତ୍ୟ କରି ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସେମିନାର ର ଶୁଭକାମନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ପାରାଦୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ସାର କାରଖାନା ର ଅଧିକାରୀ ଅମ୍ବିକେଶ କୁମାର ମିଶ୍ର ୟ ବିଭାଗୀୟ ମୁଖ୍ୟ ଅକ୍ଷୟ ଚନ୍ଦ୍ର ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହ ସେମିନାର ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ସନ୍ତୋଷ ମିଶ୍ର ଇତିହାସ ବିଭାଗର ବିଭିନ୍ନ କାର୍ଯ୍ୟ ବିଷୟରେ ଏକ ବିବରଣୀ ପ୍ରଦାନ କରିଥିଲେ । ସେମିନାର ର ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ସ୍ଥିତ ଭାରତୀୟ ଇତିହାସ କାଉନସିଲ ଗବେଷଣା କେନ୍ଦ୍ର ର ସଦସ୍ୟ ପ୍ରଫେସର ଡକ୍ଟର ହରିହର ପଣ୍ଡା ଯୋଗ ଦେଇ ବିଷୟ ବସ୍ତୁ ଉପରେ ଏକ ସରଗର୍ଭକ ବିବରଣୀ ରଖିବା ସହ ଇତିହାସ ପୁନର୍ଲିଖନ ର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ । ଟେକ୍ନିକାଲ ସେସନ୍ ରେ ଚେୟାର ଭାବେ ଯୋଗଦେଇଥିଲେ କାର୍ଡ଼ି ର ଡାଇରେକ୍ଟର ତଥା ଯୁବ ଐତିହାସିକ ଡକ୍ଟର ବିକ୍ରମ କେଶରୀ ଜେନା । ବିଭିନ୍ନ ଜିଲ୍ଲା ର ବହୁ ମହାବିଦ୍ୟାଳୟ ର ଅଧ୍ୟାପକ, ଅଧ୍ୟାପିକା, ଗବେଷଣାରତ ବିଦ୍ୟାର୍ଥୀ ନିଜ ନିଜର ପେପର୍ ଅଧ୍ୟୟନ କରିଥିଲେ ଏବଂ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଉଦଯାପନୀ ପର୍ବରେ ପାରାଦୀପ ର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଡ଼କ୍ଟର ବିକ୍ରମ କେଶରୀ ଜେନା ଇତିହାସ ଓ ସମସାମୟିକ ସମାଜ ଉପରେ ଏହାର ପ୍ରଭାବ, ତଥା ନୂତନ ଅନୁଶୀଳନ ର ଗୁରୁ ବିଷୟରେ କହିଥିଲେ । ଶେଷରେ ବିଭାଗୀୟ ଅଧ୍ୟାପକ ପ୍ରତୀକ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟତମ ଉଲେଖନୀୟ ଘଟଣାକ୍ରମରେ ସେମିନାର ଚାଲୁଥିବା ସମୟରେ ମାନ୍ୟବର ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବନ୍ଦେ ମାତରମ୍ ଜାତୀୟ ଗାନ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ ସେମିନାର ରେ ଉପସ୍ଥିତ ଅତିଥି ମାନଙ୍କ ସହ ଗାନ କରି , ସମସ୍ତ ଙ୍କୁ ଶପଥ ପାଠ କରାଇଥିଲେ । ଏଂ ଇତିହାସ ର ଗୁରୁତ୍ୱ ଓ ନୂତନ ଅନୁସନ୍ଧାନ କରିବା ପାଇଁ ଗବେଷକ ମାନଙ୍କୁ ଉତ୍ସାହିତ କରିଥିଲେ ।

# ମହର୍ଷି ଦୟାନନ୍ଦ ବୈଦିକ ଯୋଗାଶ୍ରମର ୨୬ତମ ବାର୍ଷିକୋତ୍ସବ

ବୁଗୁଡା,୧୪।୧:(ମନ୍ଥନ) ସ୍ଥାନୀୟ ମହର୍ଷି ଦୟାନନ୍ଦ ବୈଦିକ ଯୋଗାଶ୍ରମର ୨୬ତମ ବାର୍ଷିକ ଉତ୍ସବ ପବିତ୍ର ମକର ସଂକ୍ରାନ୍ତି ଦିବସ ଅବସରରେ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଯୋଗାଶ୍ରମ ସଭାପତି ଦୟାନିଧି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମଣ କୁମାର ଶାସ୍ତ୍ରୀ, ସମ୍ମାନିତ ଅତିଥି ଭାବେ ମିତ୍ରଭାନୁ ବାନପ୍ରସ୍ଥି, ଖଦାଳ ବାଉତ୍ୟା, ସୋମନାଥ ନନ୍ଦ ପ୍ରମୁଖ ଯୋଗ ଦେଇ ବୈଦିକ



ଭାବଧାରା ସମ୍ପର୍କେ ଆଲୋକପାତ କରିଥିଲେ । ଏ ଅବସରରେ ପ୍ରାତଃ ଭ୍ରମଣ କାଳରେ ଓଁ ଧ୍ୱଜା ଉତ୍ତୋଳନ , ପୂର୍ବାହ୍ନରେ ସାମବେଦ ପାରାୟଣ ଦେବଯଜ୍ଞ, ସତସଙ୍ଗ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ବିପିନ ବିହାରୀ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଉପସଭାପତି ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସଦସ୍ୟା ସୁକାନ୍ତି ରାଜଗୁରଙ୍କ ସମେତ ଅନ୍ୟ ସଦସ୍ୟଗଣ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଚଉଷଠି ଯୁଗନୀ ସାହିତ୍ୟ କଳା ପରିଷଦ ପକ୍ଷରୁ ମକର ମିଳନ ଉତ୍ସବ

ବଙ୍ଗୋମୁଣ୍ଡା,୧୪।୧:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ସଦର ଠାରେ ଥିବା ଦିବ୍ୟ ଚେତନା ମହିମା ସନ୍ଥ ଭୀମ ଭୋଇ ଗୁରୁକୁଳ ଆଶ୍ରମ ରେ ଆଜି ବଙ୍ଗୋମୁଣ୍ଡା ଚଉଷଠି ଯୁଗନୀ ସାହିତ୍ୟ କଳା ପରିଷଦ ପକ୍ଷରୁ ୯ମ ତମ ମକର ମିଳନ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବ୍ୟାସକବି ଫକୀର ମୋହନ ସେନାପତି ଙ୍କ ଫଟୋଚିତ୍ର ରେ ପୂଜାର୍ଚ୍ଚନା କରାଯିବା ପରେ ସଭା ଆରମ୍ଭ ହୋଇଥିଲା । ଆୟୋଜିତ ଏହି ସଭା ରେ ସାହିତ୍ୟ କଳା ପରିଷଦ ର ସଭାପତି ଡ଼ଃ ନାରାୟଣ ମିଶ୍ର ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ଉପସଭାପତି ବେଦବ୍ୟାସ ନାଗ,ବିଶିଷ୍ଟ ଅତିଥି ଭାବେ କପିଲାଭଟା ପଞ୍ଚାୟତ ସମିତି ସଭ୍ୟ କେଦାର ଭୋଇ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ସୁଧାକର ସାହୁ, ସମ୍ମାନୀୟ ଅତିଥି ଭାବେ ମଠାଧୀଶ କପିଳେନ୍ଦ୍ର ବାବା,ରାଷ୍ଟ୍ରଭାରତୀ ର ପ୍ରତିଷ୍ଠାତା ସୁରଥ ବେହେରା, ବଙ୍ଗୋମୁଣ୍ଡାବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମି ରଞ୍ଜନ ପୁଟେଲ,ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବିଜେପି ନେତା ଥବିର ଚନ୍ଦ୍ର ବାଗ , ବରିଷ୍ଠ ଆଇନଜୀବୀ ତଥା ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶ ଶାଖା ର ସାଧାରଣ ସଂପାଦକ ଭବାନୀ ଶଙ୍କର ରାଓ, ସାମ୍ବାଦିକ ପୁଷ୍ପକେତୁ ବେହେରା,ସାମ୍ବାଦିକ ରାଧେଶ୍ୟାମ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଅଂଚଳ ରେ ଲୁକି ଯାଉଥିବା ଲୋକ କଳା, ଲୋକ ଗୀତ, ଲୋକ ନାଚ କୁ ପୁନରୁଦ୍ଧାର କରିବା ପାଇଁ ଆହ୍ୱାନ କରିଥିଲେ ୟ ଆଜିର ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ରେ କୀର୍ତ୍ତନ, ପାଲା, ଦାସ କାଠିଆ, ଡାପ, ଦୋଳ ବାଦ୍ୟ,ଖଞ୍ଜଣି, ବାହା କ ସଂଚର ,ଡାପ,ଡ଼କା,ଆଦିବାସୀ ନୃତ୍ୟ ପରି ବେଷଣ କରିବା ସହିତ କବିତା ପାଠ କରାଯାଇ ଥିଲା । ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନ ର ସମ୍ପାଦକ ନିଗମାନନ୍ଦ ଦାସ ବାର୍ଷିକ ବିବରଣୀ ପଠନ କରିବା ସହ ମଞ୍ଚ ସଂଯୋଜନା କରିଥିଲେ । ଏଥିରେ ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ଦୀପକ ଯାଦବ, ସୁଶାନ୍ତ ବେହେରା, ପ୍ରଭୁଲାଲ ବେହେରା, ଭକ୍ତବନ୍ଧୁ ସାହୁ ପ୍ରମୁଖ ଙ୍କ ସହ ଆୟୋଜକ କମିଟି ର ସମସ୍ତ କାର୍ଯ୍ୟକର୍ତା ମାନେ ସହଯୋଗ କରିଥିଲେ ।

# ଗାୟକ ଗୌରବ ସ୍ୱର୍ଗତ ପ୍ରଭାକର ମହାରଣାଙ୍କ ସ୍ମୃତିଚାରଣ ସଭା

ପିପିଲି,୧୪।୧:(ମନ୍ଥନ) ପିପିଲି ବ୍ଲକ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ନୂଆପାଟଣା ଗ୍ରାମର ପ୍ରଭାକର ମହାରଣା(୬୯)ଙ୍କ ଅକାଳ ବିୟୋଗ ଘଟିଛିୟ ମଙ୍ଗଳବାର ତାଙ୍କ ବାସଭବନ ଠାରେ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ନିଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ପକ୍ଷରୁ ଗାୟକ ଗୌରବ ସ୍ୱର୍ଗତ ମହାରଣାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ନୂଆପାଟଣାସ୍ଥିତ ବାସଭବନ ସମ୍ମୁଖ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଜ୍ୟୋତିଷ ଶାସ୍ତ୍ର ବିଶାରଦ ଡଃ ଦେବୀପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱ ରେ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ,ଗାୟକ କୈଳାସ ପାଣି ଶରତଚନ୍ଦ୍ର ଦାଶ,ପ୍ରମୋଦ ସାହୁ, ବିଶ୍ୱନାଥ ବିଶ୍ୱାଳ, ସଦାଶିବ ବରାଳ, ଲମ୍ବୋଦର ବେହେରା, ରମେଶ ଚନ୍ଦ୍ର ପଲେଇ ପ୍ରମୁଖ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ଅମର ଆତ୍ମାର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଜୟ କୁମାର ପଟ୍ଟନାୟକ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୁପୁତ୍ର କୃଷ୍ଣ ଚନ୍ଦ୍ର ମହାରଣା, କେସବ ଚନ୍ଦ୍ର ମହାରଣା ସପରିବାର ସ୍ମୃତୀଚାରଣ ସଭାର ଆୟୋଜକକୁ ଧନ୍ୟବାଦ ଜଣାଇଥିଲେ । ଶେଷରେ ପ୍ରତାପ କୁମାର ପରିଡା ଧନ୍ୟବାଦ ଦେଇଥିଲେ ।

# ମକର ସଂକ୍ରାନ୍ତି ଉପଲକ୍ଷେ ଗୋରେଖନାଥ ପୀଠ ଚଳଚଞ୍ଚଳ

ରଘୁନାଥପୁର,୧୪।୧:(ମନ୍ଥନ)ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଥିଲା ।ପ୍ରବଳ ଥଣ୍ଡା ଅନୁଭବ ସତ୍ତ୍ୱେ ବଡି ଭୋରୁ ପ୍ରଭୁଙ୍କ ମଙ୍ଗଳାରାତି କାର୍ଯ୍ୟ ସମାପନ ପରେ ପୀଠକୁ ଦର୍ଶନାର୍ଥିଙ୍କ ଆଗମନ ହୋଇଥିଲା । ଧୀରେ ଧୀରେ ଶ୍ରଦ୍ଧାଳୁ ଭକ୍ତଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ତେବେ ପୂର୍ବାହ୍ନ ଠାରୁ ପୀଠକୁ ଆସିବାକୁ ଥିବା ତିନୋଟି ପଥରେ ଟ୍ରାଫିକ ଜାମ ସମସ୍ୟା ଯାତ୍ରୀଙ୍କ ପାଇଁ କାଳ ହୋଇଥିଲା । ଆବଶ୍ୟକ ସଂଖ୍ୟକ ପୋଲିସ ବ୍ୟବସ୍ଥା ନଥିବାରୁ ରାସ୍ତାରେ ଶତାଧିକ ବାଇକ ଓ କାର ଭିଡ଼ରେ ଘଣ୍ଟା ଘଣ୍ଟା ଫସି ରହିଥିଲେ । ଏପରିକି ସଂକୀର୍ଣ୍ଣ ରାସ୍ତାରେ ପାଦରେ ଚାଲିଚାଲି ଆସୁଥିବା ପଥଚାରିମାନେ ଯାତାୟାତ ପାଇଁ ସମସ୍ୟା ଭୋଗିଥିଲେ । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ ଭିଡକୁ ନିୟନ୍ତ୍ରଣ କରିଥିଲେୟବଡି ଭୋରୁ ପୂଜକ ଦିଲୀପ କୁମାର ପଣ୍ଡା ପ୍ରଭୁଙ୍କୁ ଚିତାଲାଗି କରିଥିଲେ । ପରେ ପାଳିଆ। ସେବକଙ୍କ ଦ୍ୱାରା ଦିନ ତମାମ ପୂଜାନୀତି ଜାରି ରହିଥିଲା ।ପୀଠରେ ଭଜନ କୀର୍ତ୍ତନ ଲାଗିରହିବା ସହ ମାନସିକଧାରୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା । ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା । ବାହାରେ ଶୁଖିଲା ଭୋଗ ଓ ଦୀପ ବିକ୍ରି ଯୋଗୁଁ ପୀଠରେ ନିଲାମ ଧରିଥିବା ଭୋଗ ଓ ଦୀପ ଦୋକାନୀଙ୍କ ବେପାର ଧିମା ରହିଥିଲା । ଡାକବାଜି ଯନ୍ତ୍ର ଯୋଗେ ଆଗନ୍ତୁକ ଭକ୍ତଙ୍କୁ ପକେଟମାରୁଙ୍କ ପ୍ରତି ସଚେତନ ରହିବାକୁ କୁହାଯିବା ସହ ଭିଡ ମଧ୍ୟରେ ହଜିଯାଉଥିବା ଛୋଟ ପିଲାଙ୍କୁ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା । ପୀଠ କିରାଣୀ ସରୋଜ କୁମାର ସାହାଣୀ ଙ୍କ ସହ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଆବଶ୍ୟକ ସୁବିଧା ଉପଲବ୍ଧ କରାଇଥିଲେ । ରାତି ପର୍ଯ୍ୟନ୍ତ ପୀଠରେ ଗହଳି ଲାଗିରହିଥିବା ବେଳେ ଚତୁର୍ପାର୍ଶ୍ୱରେ ଥିବା ବ୍ୟବସାୟୀମାନେ ବେଶ ଭଲ ରୋଜଗାର କରିଥିବାର ଲକ୍ଷ କରାଯାଇଥିଲା । ଆଗକୁ ଅଗ୍ନିପୂର୍ଣ୍ଣିମାରେ ପ୍ରଭୁଙ୍କ ଜନ୍ମୋତ୍ସବ ଥିବାରୁ ପୀଠରେ ପ୍ରବଳ ଜନଗହଳି ହେବା । ଏଣୁ ପ୍ରଭୁଙ୍କ ପୀଠକୁ ଆସିବାକୁ ଥିବା ତିନୋଟି ପଥରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ଭକ୍ତ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ଏସପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଗୁରୁବାର, ୧୫ ଜାନୁଆରୀ ,୨୦୨୬ ଭୁବନେଶ୍ୱର
THURSDAY, 15 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଶାନ୍ତି ପ୍ରତିଷ୍ଠା

ଚୀନ ସହ ସୀମା ବିବାଦର ସମାଧାନ ନିମନ୍ତେ ନୂଆ ଉଦ୍ୟମ ଆରମ୍ଭ ହୋଇଛି । ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି । ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା । ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା । ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ । ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି । କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା । ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା । ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି । ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ । ଏହାକୁ ଅଣଦେଖା କରାଯାଇପାରିବ ନାହିଁ । ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି । ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି । ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ । କିନ୍ତୁ ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି । ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ । ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି । ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ । କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା । ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ । ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି । ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି । ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି । କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ । ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି । ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି । ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା । ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା । ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି । ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି । ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଞ୍ଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ । ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି । ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି । କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହୋଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ । ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ । କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ,ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଞ୍ଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି । ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି । ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି । ଫଳରେ ଏ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ । ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି । ଚୀନ ଏହାକୁ ତାସ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି । ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ । ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି ।

# ଅବିଶ୍ୱାସରୁ ବିଶ୍ୱାସ ଓ ଲୀଳାମୟ ପ୍ରଭୁ ଶ୍ରୀସତ୍ୟସାଇ

## ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ' । ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି' । ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି' । ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି ।

୧୯୭୧ ମସିହାର କଥା । ବିଦ୍ୟାଳୟ ପାଠପରେ ମହାବିଦ୍ୟାଳୟ ଶିକ୍ଷା ଆରମ୍ଭ ହୁଏ । ଭଗବାନ ବାବାଙ୍କ ଲାଲରଙ୍ଗର ଲମ୍ବା ଗାଉନ ମୁଣ୍ଡରେ ଆଫ୍ରିକୀୟ ଲୋକଙ୍କ ଭଳି ବାଳର ଫଟୋ ଦେଖି ମୋତେ ଲାଗୁଥିଲା ସେ ଜଣେ ବହୁରୂପୀ, ଯାଦୁକରୀ ବ୍ୟକ୍ତି ଯିଏକି ଲୋକଙ୍କୁ ଆକର୍ଷିତ କରିବା ପାଇଁ ନିଜକୁ ସଜାଇଛନ୍ତି । ଲୋକଙ୍କ ଠାରୁ ତାଙ୍କର ଅଲୌକିକ ମହିମା ଶୁଣିଲେ ଲାଗୁଥିଲା ସେ ଜଣେ ଦକ୍ଷ ମ୍ୟାଜିକସିଆନ । ସେତେବେଳର ପ୍ରକାଶିତ ବହୁଳ ପ୍ରଚାରିତ ପିରିୟଡ଼ିକାଲ ମାଗାଜିନ 'ବ୍ଲିଜ୍'ରେ ଆର.କେ. କରଞ୍ଜିଆଙ୍କ ଲେଖା ପଢ଼ି ମୋ ମନରେ ଦୃଢ଼ ଧାରଣା ହୋଇଥିଲା ଯେ ବାବା ଜଣେ ଫ୍ରଡ୍ । ତେଣୁ ଯୁବ ସୁଲଭ ମନରେ ସେତେବେଳେ ତାଙ୍କ ପ୍ରତି ସନ୍ଦେହ ଓ ଅବିଶ୍ୱାସ ଭରି ଯାଇଥିଲା । ସେହିବର୍ଷ ଆମ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ପାଇଁ ବୋର୍ଡ଼ ତରଫରୁ ନୂଆ ଭାବେ ସ୍ଥିରୀକୃତ ହୋଇଥିଲା । ସେ ସମୟରେ ମାଟ୍ରିକ ପରୀକ୍ଷା ଏକ ବିଶେଷ ଆଲୋଚନାର ବିଷୟ ରହୁଥିଲା । ସେଥିପାଇଁ ପରୀକ୍ଷାର୍ଥୀଙ୍କ ପିତାମାତା, ଅଭିଭାବକ ଓ ଅଭିଭାବିକା ତଥା ସମ୍ପର୍କୀୟ ମାନଙ୍କର ପରୀକ୍ଷା କେନ୍ଦ୍ର ପାଖରେ ରୁଣ୍ଡ ହେଉଥିଲେ । ସେଠାରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଓ ଭଲରେ କିପରି ପରୀକ୍ଷା ହେବ, ଆମେ କିଛି ସ୍ଥାନୀୟ ଲୋକ ଓ ପୁରାତନ ଛାତ୍ର ସ୍କୁଲ ବାହାରେ ଉପସ୍ଥିତ ଥିଲୁ । ହଠାତ୍ କୌଣସି କାରଣରୁ ଆମ ଭିତରେ କଥା କଟାକଟି ଓ ଯୁକ୍ତିତର୍କ ଆରମ୍ଭ ହୋଇଗଲା । ମୋ ସହିତ ଜଣେ ଅଧିକ ଯୁକ୍ତିତର୍କ କରିବାରେ ଲାଗିଲେ । ସେତେବେଳେ ମୋର ଯୁବସୁଲଭ ଗୁଣରେ ମୁଁ ଭାରି କ୍ରୋଧୀ, ଅହଂକାରୀ ଓ ଗର୍ବୀ ଥିଲି । ଏହି କଥାବାର୍ତ୍ତା ସମୟରେ ସେହି ଯୁବକଙ୍କ ସହିତ ଯୁକ୍ତି କଲାବେଳେ ତାଙ୍କ ହାତରେ ଏକ ବହି ଦେଖିଲି ଯେଉଁଥିରେ ଲେଖା ଥିଲା - 'ସାଇବାବା - ମ୍ୟାନ ଅଫ ମିରାକିଲ୍ସ' ଓ ବହିର କଭରରେ ସତ୍ୟସାଇ ବାବାଙ୍କ ରଙ୍ଗୀନ ଫଟୋ ଥିଲା । ମୁଁ ରାଗରେ ହିତାହିତ ଭୁଲି ସେହି ଯୁବକଙ୍କୁ ଆକ୍ଷେପ କରି କହିଲି ତୁମେ ଜଣେ ଠକ ଓ ଭଣ୍ଡ ତେଣୁ ତୁମେ ଏପରି ଭଣ୍ଡ ଓ ଠକଙ୍କ ବହିଧରି ବୁଲୁଛ । ସେହି ଯୁବକ ଜଣଙ୍କ ମୋର ଏପରି ଅଭଦ୍ର ଓ ଅଶାଳୀନ କଥାରେ ବିଚଳିତ ନ ହୋଇ ମୋତେ ଭଗବାନ ବାବାଙ୍କ ପ୍ରତି ଏପରି ଅଶାଳୀନ ଶବ୍ଦ ବ୍ୟବହାର କରିବାର ପ୍ରଶ୍ନ କରି କହିଲେ - 'ସତ୍ୟସାଇଙ୍କ ବିଷୟରେ କିଛି ଜାଣନ୍ତି ?' ମୋର ଉତ୍ତର ଥିଲା - 'ଅନେକ ଲୋକଙ୍କ ଠାରୁ ଓ ବ୍ଲିଜ ପତ୍ରିକାରୁ ଜାଣିଛି ।' ସେହି ଯୁବକଙ୍କର ଉତ୍ତର ଥିଲା ଏହି ଜ୍ଞାନ ତୃତୀୟ ଲୋକଙ୍କ ଠାରୁ ପାଇ ଏହାକୁ ସତ୍ୟ ବୋଲି ଭାବୁଛ । ଯଦି ସତ୍ୟ ଜାଣିବାକୁ ଚାହୁଁଛ ପ୍ରଶାନ୍ତି ନିଳୟମ୍ ଯାଇ ବାବାଙ୍କୁ ଦେଖି ପାର୍ଥିବ ଜ୍ଞାନ ଆହରଣ କର । ଏତିକିରେ ସେ ସେଠାରୁ ପଳାଇଗଲେ ।

ଏହାର କିଛି ବର୍ଷ ପରେ ମୋର ବଡ଼ ଭଉଣୀର ବାହାଘର ହେଲା । ପ୍ରଥା ଅନୁସାରେ ତାର ଚତୁର୍ଥୀ ଦିନ ମୁଁ ମୋର ଭଉଣୀର ଶାଶୁଘରକୁ ଯାଇଥିଲି । ସେଠାରେ ହଠାତ୍ ଯେଉଁ ଯୁବକଙ୍କ ସହିତ ଯୁକ୍ତିତର୍କ ହୋଇଥିଲା ତାଙ୍କୁ ମୋ ଭଉଣୀ ଘରେ ଦେଖିଲି । ଜାଣିବାକୁ ପାଇଲି ସେ ହେଉଛନ୍ତି ମୋ ଭଉଣୀର ଦିଅର । ଏଠାରେ ଉଲ୍ଲେଖ ରଖୁଛି ସେହି ଯୁବକଙ୍କୁ ବିବାହ ପ୍ରସ୍ତାବ, ନିର୍ବନ୍ଧ ବା ବିବାହ ସମୟରେ ଦେଖିନଥିଲି । ମାତ୍ର ପରେ ଶୁଣିଲି ସେ ସବୁ କାର୍ଯ୍ୟରେ ଯୋଗଦାନ ପୂର୍ବକ ସକ୍ରିୟ କାର୍ଯ୍ୟ ସମ୍ପାଦନ କରିଥିଲେ । ମୋର ସେ ଯୁବକଙ୍କ ପ୍ରତି ଆକର୍ଷଣ ନଥିଲା ମନରେ ଥିଲା ସନ୍ଦେହ । ପୂର୍ବକାଳରେ ମୋର ଅହଂକାର ଓ ବାବାଙ୍କ ପ୍ରତି ଯେଉଁ ନକରାତ୍ମକ ଧାରଣା ଥିଲା ତାକୁ ସାବ୍ୟସ୍ତ କରି ମୋର ଭଉଣୀର ଦିଅରରୁ ପ୍ରମାଣ ସଂଗ୍ରହ କରି ମୋ ଯୁକ୍ତି ମାଧ୍ୟମରେ ବାବା ଫ୍ରଡ୍ ବୋଲି ପ୍ରମାଣ କରିବା ପାଇଁ ଆଗ୍ରହ ଦୃଢ଼ୀଭୂତ ହେଲା । (ପ୍ରକାଶ ଥାଉକି ମୋ ଭଉଣୀର ଦିଅର ହେଉଛନ୍ତି ପ୍ରଦୀପ କୁମାର ଦାସ ଯିଏ କି ପ୍ରାକ୍ତନ ଜିଲ୍ଲା ସଭାପତି, ଜଗତସିଂହପୁର, ସତ୍ୟସାଇ ସେବା ସଙ୍ଗଠନ ଓ ବାବାଙ୍କର ସମରକୋର୍ସର ଜଣେ ଛାତ୍ର) ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ । ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ୍ୟ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି । ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ । ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ । ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
E-mail : sourachandramohapatra16@gmail.com

# ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ କାହିଁକି ?

## ନାରାୟଣ ଚନ୍ଦ୍ର ବିଶ୍ୱାଳ

ଏବେ ଥଣ୍ଡାର ପ୍ରକୋପ ବଢ଼ିଛି । ଚାରିଆଡ଼େ କୁହୁଡ଼ିର ପ୍ରାର୍ଦୁଭାବ ଏଣେ ବାୟୁ ପ୍ରଦୂଷଣକୁ ନେଇ ସବୁଠି ଏକ ପ୍ରକାର ଆତଙ୍କ ଜନିତ ପରିବେଶ । ଛିଙ୍କିବା ଆମ ଶରୀରର ଏକ ପ୍ରାକୃତିକ ପଦ୍ଧତି, ଯାହାଦ୍ୱାରା ନାକ ନିଜକୁ ସଫା କରିଥାଏ । ଯେବେ ଆମ ନାକ ବା ଶ୍ୱସନ ତନ୍ତ୍ରରେ ଧୂଳି, ପରାଗ, ଧୂଆଁ ଅଥବା ଅନ୍ୟ କୌଣସି ବାହ୍ୟ ଅବାଞ୍ଛିତ କଣିକା ପ୍ରବେଶ କରେ, ଏହାକୁ ବାହାର କରିବା ଲାଗି ନାକର କୋମଳ ଆସ୍ତରଣ ସକ୍ରିୟ ହୋଇଯାଏ । ଏକ ସଙ୍କେତ ରୂପରେ ଏହି ବାର୍ତ୍ତା ଆମର ମସ୍ତିଷ୍କ ପର୍ଯ୍ୟନ୍ତ ପହଞ୍ଚିଥାଏ । ମସ୍ତିଷ୍କକୁ ଏହି ସଙ୍କେତ ମିଳିବା କ୍ଷଣି ମସ୍ତିଷ୍କ ଶରୀରକୁ ଛିଙ୍କିବା ପାଇଁ ନିର୍ଦ୍ଦେଶ ଦିଏ । ଛିଙ୍କ ହୁଏ । ଆଉ ଛିଙ୍କିବା ସମୟରେ ଆଖି ବନ୍ଦ ହୋଇଯାଏ, ଜିଭ ଉପରକୁ ଉଠିଯାଏ ଓ ଶରୀରର ମାଂସପେଶୀ ସଙ୍କୋଚିତ ହୋଇଯାଏ । ଏହି ପୁରା ପ୍ରକ୍ରିୟା କେଇ ସେକେଣ୍ଡ ଭିତରେ ସମ୍ପୂର୍ଣ୍ଣ ହୋଇଯାଏ ।

ଆମ ନାକରେ ଏକ ପତଳା ଆର୍ଦ୍ର ଆସ୍ତରଣ ଥାଏ, ଯାହାକୁ ମ୍ୟୁକସ୍ ଝିଲି କୁହାଯାଏ । ଏହି ଆସ୍ତରଣରେ ଅନେକ ଛୋଟ ଛୋଟ କୋଷ ଥାଏ, ଯାହା କି ସହଜରେ ଯେ କୌଣସି ପରିବର୍ତ୍ତନକୁ ଅନୁଭବ କରିନିଏ । ଯେତେବେଳେ କୌଣସି ଧୂଳି ଅବା ପରାଗ କଣିକା ଏହି ଆସ୍ତରଣକୁ ଛୁଏଁ କୋଷ ଗୁଡ଼ିକ ସକ୍ରିୟ ହୋଇଯାଏ ଓ ମସ୍ତିଷ୍କକୁ ସଙ୍କେତ ପଠାଏ । ଆଉ ମସ୍ତିଷ୍କ ଶରୀରକୁ ଆଦେଶ ଦିଏ କି ସେ ଛିଙ୍କୁ ଓ ହଇରାଣ କରୁଥିବା ବସ୍ତୁ ବାହାରକୁ ବାହାରିଯାଉ ।

କେବେ କେବେ ଧୂଳି ଅବା ପାଉଡ଼ର ଭଳି କଣିକା ନାକକୁ ଚାଲିଯାଏ ଓ ନାକରେ ଜ୍ୱଳନ ହୁଏ, ଯାହାକି ଛିଙ୍କର କାରଣ ସାଜେ । ଏହାବାଦ ଆଲର୍ଜି ଓ ତୀବ୍ର ଆଲୋକ ମଧ ଛିଙ୍କିବାର କାରଣ ହୋଇପାରେ । ଏହି କଣିକା ଓ ଆଲର୍ଜି ନାକର ନର୍ଭଗୁଡ଼ିକୁ ସକ୍ରିୟ କରିଥାଏ । ଫଳରେ ଶରୀର ତାକୁ ବାହାର କରିବା ପାଇଁ ଛିଙ୍କ ହୁଏ । ଛିଙ୍କିବା ସମୟରେ ଆଖି ବନ୍ଦ ହେବା ପଛର କାରଣ ଛିଙ୍କ ମାଧ୍ୟମରେ ଆମ ନାକ ହାନିକାରକ କଣିକାଗୁଡ଼ିକୁ ବାହାରକୁ ବାହାର କରିଦେଇ ଶରୀରକୁ ସଂକ୍ରମଣରୁ ରକ୍ଷା କରେ । ପାଟିରୁ ଲକ୍ଷ ଲକ୍ଷ ମାଇକ୍ରୋନ୍ସ, ବ୍ୟାକ୍ଟେରିଆ ଓ କ୍ଷୁଦ୍ର କ୍ଷୁଦ୍ର କଣିକା ବାହାରିଯାଏ । ଯଦି ଆଖି ଖୋଲା ରହୁଥାନ୍ତା ତେବେ ଏହି ମାଇକ୍ରୋନ୍ସ ବ୍ୟାକ୍ଟେରିଆ ଓ କଣିକା ଗୁଡ଼ିକ ଆଖିର ସମ୍ବେଦନଶୀଳ ଅଂଶରେ ପହଞ୍ଚି ଯାଇଥାନ୍ତା । ଆଖି ବନ୍ଦ ହେବା ଯୋଗୁ ଆଖି ସଂକ୍ରମଣରୁ ବଞ୍ଚିଯାଏ । ଏହା ଏକ ପ୍ରୋଟେକ୍ଟିଭ ରିଫ୍ଲେକ୍ସ, ଯାହାକୁ ରୋଗ ହେବାର ଆଶଙ୍କାରୁ ବଞ୍ଚାଇ ଥାଏ । ଛିଙ୍କିବା ସମୟରେ ଆଖି ବନ୍ଦ ହେବା ଏକ ସାଧାରଣ କଥା । ଯେବେ ଆମେ ଛିଙ୍କୁ ଆମ ମସ୍ତିଷ୍କ ଆଖିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଏ । ଏହା ଏକ ଅନୈଚ୍ଛାକୃତ କ୍ରିୟା । ଅର୍ଥାତ୍ ଏହାକୁ ଆମେ ଆମ ଇଚ୍ଛାଦ୍ୱାରା ନିୟନ୍ତ୍ରଣ କରିପାରିବା ନାହିଁ । ଆମେ ଯେତେ ଚେଷ୍ଟା କଲେ ବି ଛିଙ୍କିବା ସମୟରେ ଆଖି ଖୋଲା ରଖିବା ଅସମ୍ଭବ ।

ଛିଙ୍କିବା ସମୟରେ ଅନେକ ପରିବର୍ତ୍ତନ ହୁଏ । ମାଂସପେଶୀ ସଙ୍କୁଚିତ ହୋଇଯାଏ । ଆଉ ଏହା ଏବେ ତୀବ୍ର ଗତିରେ ହୁଏ ଯେ, ଲାଗେ ସତେ ଯେମିତି ହୃଦସ୍ପନ୍ଦନ ବନ୍ଦ ହୋଇଯାଏ କିଛି କ୍ଷଣ ପାଇଁ । ହେଲେ ହୃଦସ୍ପନ୍ଦନ ଅବିରତ ଚାଲିଥାଏ । ଛିଙ୍କ ହୋଇଗଲା ପରେ ସବୁକିଛି ସାଧାରଣ ଅବସ୍ଥାକୁ ଫେରିଆସେ । ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛିଙ୍କକୁ ଆଦୌ ଅଟକାଇବା ଉଚିତ ନୁହେଁ । ଛିଙ୍କ ଏକ ପ୍ରାକୃତିକ ପଦ୍ଧତି, ଯାହାକି ଶରୀରର ହାନିକାରକ ପଦାର୍ଥ ଠାରୁ ଦୂରେଇବାରେ ସାହାଯ୍ୟ କରିଥାଏ । ଯେବେ ଛିଙ୍କ ଖୁବ ଜୋରରେ ଆସେ ଓ ଆପଣ ଏହାକୁ ଅଟକାନ୍ତି, ତେବେ ଏହା ଆଖି, ନାକ ଓ କାନ ପରଦାରେ ବ୍ଲଡ଼ ଭେସଲ୍ସ ଉପରେ ଚାପ ପକାଇପାରେ । ତେଣୁ ଯେତେବେଳେ ଛିଙ୍କ ଆସେ ଏହାକୁ ନିର୍ମାଳ ଭାବେ ହେବାକୁ ଦେବା ଉଚିତ । ଛିଙ୍କ ସହ ଜଡ଼ିତ ମାନ୍ୟତା ଭିନ୍ନ ଭିନ୍ନ ସଂସ୍କୃତିରେ ଛିଙ୍କକୁ ନେଇ ଅଲଗା ଅଲଗା ମାନ୍ୟତା ରହିଛି । କିଛି ସଂସ୍କୃତିରେ ଛିଙ୍କକୁ ସୌଭାଗ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଏ ତ ଅନ୍ୟ କେଉଁ ସଂସ୍କୃତିରେ ଏହାକୁ ଅଶୁଭ ମଣାଯାଏ । ଯେମିତି କି କିଛି ଏସୀୟ ସଂସ୍କୃତିରେ ଛିଙ୍କିବା ଅର୍ଥ କେହି ଆପଣଙ୍କ ପାଇଁ ଖରାପ ଚିନ୍ତା କରୁଛନ୍ତି ଧରାଯାଏ । କିଛି ପରମ୍ପରାରେ ଛିଙ୍କିବାବେଳେ 'ଗଡ଼ ବ୍ଲେସ୍ ୟୁ' କୁହାଯାଏ । କାରଣ ସେମାନଙ୍କ ମତରେ ଛିଙ୍କିବା ବେଳେ କିଛି ସମୟ ପାଇଁ ଆତ୍ମା ଶରୀର ଠାରୁ ବାହାରି ଯାଏ । ଆଉ ଗଡ଼ ବ୍ଲେସ ୟୁ କୁହାଯାଏ । ଆତ୍ମାକୁ ସୁରକ୍ଷିତ ଭାବେ ଶରୀର ଭିତରକୁ ଆଣିବା ପାଇଁ । ଆଉ ଏକ ସିଦ୍ଧାନ୍ତ ଅନୁସାରେ ପ୍ରାଚୀନ ରୋମରେ ବ୍ୟୁବୋନିକ ପ୍ଲେଗ ପ୍ରକୋପରେ ଛିଙ୍କିବା ଏକ ସାଧାରଣ ଲକ୍ଷଣ ଥିଲା । ପୋପ ଗ୍ରେଗୋରୀ ୭ମ ପ୍ଲେଗରୁ ବଞ୍ଚିବା ଲାଗି ଛିଙ୍କିବା ପରେ ଗଡ଼ ବ୍ଲେସ ୟୁ କହିବାକୁ ପରାମର୍ଶ ଦେଇଥିଲେ । ଏମିତି ଭାବେ ଛିଙ୍କିବା କେବଳ ଶରୀରର ଏକ ପ୍ରାକୃତିକ ପଦ୍ଧତି ନୁହେଁ ବରଂ ଏହାର ସମ୍ପର୍କ ସହ ବି ରହିଛି । ତେବେ ଛିଙ୍କିବା ଏକ ସାଧାରଣ ସ୍ୱାସ୍ଥ୍ୟଗତ ପ୍ରକ୍ରିୟା ହୋଇପାରେ କିନ୍ତୁ ବାରମ୍ବାର ଛିଙ୍କ ଆପଣଙ୍କ ନାକର ଅଭ୍ୟନ୍ତରଜନିତ ସମସ୍ୟାକୁ ସୂଚୀତ କରୁଛି । ଏ କ୍ଷେତ୍ରରେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ଦୂରଭାଷ : ୯୪୩୮୨୭୬୭୬୦

# ହୃଦରୋଗ ବିପଦ ବଢ଼ାଉଛି ଦୈନନ୍ଦିନ ଅଭ୍ୟାସ

## ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ହୃଦରୋଗ, ହାର୍ଟ ଆଟାକ୍ ଆଜିର ସମୟରେ ଏହା ଏକ ଧରାବନ୍ଧା ଦୁଃଖଦ ଖବର ହୋଇଗଲାଣି । ଅନେକଙ୍କ ଜୀବନ ଦୀପ ଅଚାନକ ନିର୍ବାପିତ ହୋଇଯାଉଛି । କିଏ ଶୋଇବା ଅବସ୍ଥାରେ ତ କିଏ ଭାଷଣ ଦେବା ଅବସ୍ଥାରେ, କିଏ ଖାଦ୍ୟ ଖାଇବା ଅବସ୍ଥାରେ ଏପରିକି ଚାଲିବା ବୁଲିବା ଲୋକ ମଧ ହଠାତ୍ ତଳେ ପଡ଼ିଯାଉଛନ୍ତି । ଅନେକ ହୁଏତ ଜାଣନ୍ତିନି ଆମ ମାନଙ୍କ ଦୈନନ୍ଦିନ କିଛି ଏହି ଅଭ୍ୟାସ ହୃଦରୋଗକୁ ବଢ଼ାଉଛି ।

ହୃଦରୋଗ ହଠାତ୍ ଆସେ ବୋଲି ଅନେକଙ୍କ ଧାରଣା । କିନ୍ତୁ ବାସ୍ତବରେ ଏହା ନିରବରେ ଧୀରେ ଧୀରେ ଆରମ୍ଭ ହୋଇଥାଏ । ଅଧିକାଂଶ ଜାଣି ନଥାନ୍ତି ଯେ ନିଜର ଦୈନନ୍ଦିନ କାର୍ଯ୍ୟଧାରା ବିପଦର କାରଣ ସାଜିଥାଏ । ଆସନ୍ତୁ ଦୈନନ୍ଦିନ ଜୀବନର କିଛି ଅଭ୍ୟାସ ବାବଦରେ ଜାଣିବା, ଯାହା ହୃତପିଣ୍ଡକୁ କ୍ଷତି ପହଞ୍ଚାଉଛି ଏବଂ ଆୟୁଷକୁ ହ୍ରାସ କରୁଛି । ଆଧୁନିକ ସହରାଞ୍ଚଳ ଜୀବନଶୈଳୀରେ ଏମିତି କିଛି ଅଭ୍ୟାସ ଗୁନ୍ଥି ହୋଇ ରହିଛି ।

ଦୀର୍ଘ ସମୟ ବସି ରହିବା ଏବେ ଏକ ହୃଦରୋଗ ବିପଦ କାରକ ଭାବରେ ସ୍ୱୀକୃତି ପାଇଛି । ଦୀର୍ଘସମୟ ବସିବା ଦ୍ୱାରା ରକ୍ତବାହୀ ନଳୀର କାର୍ଯ୍ୟକାରିତାରେ ପରିବର୍ତ୍ତନଘଟି ଦୀର୍ଘକାଳୀନ ମୃତ୍ୟୁ ବିପଦ ବଢ଼ିଥାଏ । ସେହିପରି ଆଧୁନିକ ଜୀବନଶୈଳୀର ଫାଶ ସାଜିଥିବା ଅତ୍ୟଧିକ ସ୍କ୍ରିନ ଟାଇମ୍ ମଧ ଅକାଳ ବାର୍ଦ୍ଧକ୍ୟର ଆଉ ଏକ କାରଣ । ସ୍କ୍ରିନ ସମୟ ଆମର ଗତିବିଧି, ନିଦ୍ରା ଓ ଖାଇବା ଆଚରଣକୁ ନିରବରେ ଖାଇ ଯାଉଛି । ସ୍କ୍ରିନ ଆଗରେ ଯେତେ ଘଣ୍ଟା ଅଧିକ ବିତିବ ହୃଦରୋଗ, ଷ୍ଟ୍ରୋକ ଓ ମେଟାବୋଲିକ ବ୍ୟାଧିର ଆଶଙ୍କା ସେତେ ଅଧିକ ହେବ । ରାତିରେ ସ୍କ୍ରିନ ଏକ୍ସପୋଜର ମେଲାଟୋନିନ୍ କ୍ଷରଣକୁ ବାଧା ଦେଇ ନିଦ ଖରାପ କରେ ଏବଂ କାର୍ଡ଼ିଓମେଟାବୋଲିକ ବିପଦ ବଢ଼ାଏ । ଇନଷ୍ଟାଣ୍ଟ ନୁଡଲସ, ପ୍ୟାକେଟରେ ମିଳୁଥିବା ସ୍ନାକ୍ସ ଏବଂ ମିଠା ପାନୀୟ ପରି ପ୍ରକ୍ରିୟାକୃତ ଖାଦ୍ୟ ସୁବିଧାଜନକ ହୋଇପାରେ, କିନ୍ତୁ



ସେଗୁଡ଼ିକ ଦୀର୍ଘ କାଳୀନ ବିପର୍ଯ୍ୟୟ ସୃଷ୍ଟି କରନ୍ତି । ଏହା ପ୍ରଦାହକୁ ତ୍ୱରାନ୍ୱିତ କରେ, ରକ୍ତଚାପ ବୃଦ୍ଧି କରେ, ଅନ୍ତନଳୀ ସ୍ୱାସ୍ଥ୍ୟକୁ ବିଚଳିତ କରେ ଏବଂ ଲୋକଙ୍କୁ ପ୍ରାରମ୍ଭିକ ହୃଦରୋଗ ଆଡ଼କୁ ଠେଲିଦିଏ ।

ସେହିପରି ଦୀର୍ଘକାଳୀନ ନିଦ୍ରା ଅଭାବ ହେଉଛି ସବୁଠାରୁ ଅଣଦେଖା ସ୍ୱାସ୍ଥ୍ୟ ବିପଦ । ଅଳ୍ପ ଓ ନିମ୍ନମାନର ନିଦ୍ରା ରକ୍ତଚାପ ବୃଦ୍ଧି କରେ, ମେଟାବୋଲିଜିମକୁ ପ୍ରଭାବିତ କରେ, ଓଜନ ବୃଦ୍ଧି କରେ ଏବଂ ହରମୋନ ସନ୍ତୁଳନକୁ ବିଗାଡ଼ି ଦିଏ । ଅଳ୍ପ ନିଦ୍ରା ମଧ ଚାପ ନିୟନ୍ତ୍ରଣରେ ବାଧା ସୃଷ୍ଟି କରି ହୃଦରୋଗର ସିଧାସଳଖ କାରଣ ପାଲଟେ । ସେହିପରି ଧୂମପାନର କୌଣସି ନିରାପଦ ସ୍ତର ନାହିଁ । କମ କିମ୍ବା ସାମୟିକ ଧୂମପାନ ମଧ ହୃଦଘାତ ଓ ମସ୍ତିଷ୍କଘାତ ବିପଦ ବଢ଼ାଏ । ଏଥି ସହିତ ଦୀର୍ଘକାଳୀନ ମାନସିକ ଚାପ ହୃତପିଣ୍ଡକୁ ପ୍ରଭାବିତ କରେ । ଶରୀର ଚାପଗ୍ରସ୍ତ ରହିଲେ କର୍ଟିସୋଲ ଭଳି ହରମୋନ ଗୁଡ଼ିକ ଉଚ୍ଚ ରହିଥାଏ, ଯାହା ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଏ, ରକ୍ତଚାପ ବୃଦ୍ଧି କରେ ଏବଂ ପ୍ଲାକ ଗଠନକୁ ତ୍ୱରାନ୍ୱିତ କରେ । ସେହିପରି ବିଳମ୍ବିତ ରାତିରେ ଖାଦ୍ୟ ଖାଇବା ମଧ ହୃତପିଣ୍ଡ ସ୍ୱାସ୍ଥ୍ୟର ଅନ୍ୟତମ ଶତ୍ରୁ । ସମ୍ପ୍ରତି ମଧ ରାତ୍ର ଭୋଜନ ଏକ ସାଧାରଣ ଅଭ୍ୟାସ ପାଲଟିଛି । ଉପରୋକ୍ତ ଅଭ୍ୟାସ ଗୁଡ଼ିକ ପ୍ରାୟତଃ ସାଧାରଣ ମନେ ହେଉଥିଲେ ହେଁ ଆମ ଅଲକ୍ଷ୍ୟରେ ବିପଜ୍ଜନକ ସାଜିଥାଏ । ତେଣୁ ସର୍ବନିମ୍ନ ଏକ ରୁଟିନବନ୍ଧା ସ୍ୱାସ୍ଥ୍ୟ ଅନୁମୋଦିତ ଜୀବନ ପ୍ରଣାଳୀ ଅବଲମ୍ବନ କରନ୍ତୁ । ଯାହାଦ୍ୱାରା ଅନ୍ତତଃପକ୍ଷେ ହୃଦରୋଗ ଆପଣଙ୍କ ନିୟନ୍ତ୍ରଣରେ ରହିପାରିବ ।

ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
E-mail : drckmishra@gmail.com



# 'ମେଟା'ରୁ ୧୦୦୦ କର୍ମଚାରୀଙ୍କୁ ଛଟେଇ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଆମେରିକାର ଟେକ୍ କମ୍ପାନୀ 'ମେଟା' ୨୦୨୬ ର ଆରମ୍ଭରୁ ନିଜର ରିଏଲିଟି ଲାବ୍ ଡିଭିଜନରେ ୧୦୦୦ ରୁ ଅଧିକ କର୍ମଚାରୀଙ୍କୁ ବାହାର କରିଦେଇଛି । ଏହି ଖବର ଖବର ଚାକିରୀ ଛଟେଇ ନୁହେଁ,ବଂର ଏକ ବଡ଼ ଇଶାରା ଯେ, 'ମେଟା' କେଉଁ ଦିଗକୁ ଯାଉଛି । 'ରିଏଲିଟି ଲାବ୍' ହେଉଛି ସେହି ୟୁନିଟ୍ ଯାହାକି 'ଭର୍ଚୁଅାଲ ରିଏଲିଟି' ଏବଂ ଏକ୍ସଟେଣ୍ଡ ରିଏଲିଟି ଭଳି ଟେକ୍ନୋଲୋଜି ଉପରେ କାମ କରୁଥିଲା । କମ୍ପାନୀର କୋ-ଫାଉଣ୍ଡର ଏବଂ ସିଇଓ ମାର୍କ ଜକରବର୍ଗ ପୁରା କମ୍ପାନୀର ନାଁ ଫେସବୁକକୁ'ମେଟା' କରିଦେଇଥିଲେ ।ଏହା ସହ 'ମେଟାଭର୍ସ' ଉପରେ ବିଲିୟନ ଡଲାର ନିବେଶ କରିଥିଲା । ତେବେ ଏକ୍ସପର୍ଟଙ୍କ ମତରେ 'ମେଟାଭର୍ସ' ଏକ ବବଲ୍ ଭଳି ଥିଲା,ଯାହାଫଳରେ କମ୍ପାନୀ ଏବେ ଅଲଗା ଡାଇରେକ୍ସନକୁ ଯାଉଛି । ମେଟା ରିଆଲିଟି ଲ୍ୟାବ୍ ପ୍ରାୟ ୧୦%ରୁ ଅଧିକ ଷ୍ଟାଫଙ୍କୁ ବାହାର କରିବାର ନିଷ୍ପତ୍ତି ନିଆଯାଇଛି । ଯାହାଫଳରେ ଏବେ ସ୍ପଷ୍ଟ ହୋଇଛି ଯେ,କମ୍ପାନୀ ଏବେ 'ମେଟାଭର୍ସ' ପ୍ରୋଜେକ୍ଟ ଉପରେ ସେତିକି ବଡ଼ ଭରସା କରିପାରୁନି । ଏହି ପରିବର୍ତ୍ତନ ବ୍ୟତୀତ ଅଲଗା ଅଲଗା ଟିମ୍ ଓ ପ୍ରଡକ୍ଟକୁ ପ୍ରଭାବିତ କରୁଛି । ବିଶେଷ ଭାବରେ ସେହି ଲୋକ ଯେଉଁମାନେ 'ମେଟା'ର ଭିଆର ହେଡସେଟ୍, ହରିଜନ୍ ୱାର୍ଲ୍ଡ ଭଳି ମେଟାଭର୍ସ ପ୍ଲାଟଫର୍ମ ଏବଂ ଅନ୍ୟ କିଛି ଇମର୍ସିଭ ଗେମିଂ ଷ୍ଟୁଡିଓରେ କାମ କରୁଥିଲେ । ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଏହି ଛଟେଇ କମ୍ପାନୀର ହାର୍ଡୱେୟାର ଏବଂ ମେଟାଭର୍ସ ପ୍ରକଳ୍ପରେ ଜଡ଼ିତ ପ୍ରାୟ ୧୦% କର୍ମଚାରୀଙ୍କୁ ପ୍ରଭାବିତ କରିବ । ଏହି ଛଟେଇ ମେଟାର ଠଜ ଗେମିଂ ଏବଂ ଭର୍ଚୁଆଲ୍ ସୋସିଆଲ ନେଟୱାର୍କ ପ୍ରୋଜେକ୍ଟ ଉପରେ ସର୍ବାଧିକ ପ୍ରଭାବ ପକାଇଛି । କ୍ୱେଷ୍ଟ ଭିଅାର ହେଡସେଟ୍, ହରାଇଜନ୍ ୱାର୍ଲ୍ଡସ୍ ଏବଂ ଅନେକ ସମ୍ପୃକ୍ତ ଗେମିଂ ଷ୍ଟୁଡିଓରେ ଚାକିରି କାଟ୍ କରି ଦିଆଯାଇଛି । ସୂଚନା ଅନୁଯାୟୀ, ଆର୍ମେଚର ଷ୍ଟୁଡିଓ, ଟ୍ୱିଷ୍ଟେଡ୍ ପିକ୍ସେଲ ଏବଂ ସାନଜାରୁ ଭଳି ଭିଆର ଷ୍ଟୁଡିଓଗୁଡ଼ିକୁ ବନ୍ଦ କରାଯାଉଛି । ସେଭଳି ଅନ୍ୟ କିଛି ୟୁନିଟରେ କର୍ମଚାରୀ ସଂଖ୍ୟା ମଧ୍ୟ ହ୍ରାସ କରାଯାଉଛି ।

## ଉତ୍ତର ଭାରତରେ ଘନ କୁହୁଡ଼ି
# ତାମିଲନାଡୁରେ ରେଳ ଓ ବିମାନ ଚଳାଚଳ ବ୍ୟାହତ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର) ସମେତ ଉତ୍ତର ଭାରତରେ ମକର ସଂକ୍ରାନ୍ତିରେ ପ୍ରବଳ ଶୀତଲହରି ଓ ଘନକୁହୁଡ଼ି ଅନୁଭୂତ ହେଉଛି, ଯାହା ଦୈନନ୍ଦିନ ଜୀବନ ଓ ଯାତାୟାତରେ ବାଧା ସୃଷ୍ଟି କରୁଛି । ମଙ୍ଗଳବାର ଓ ବୁଧବାର ଘନକୁହୁଡ଼ି ଅନେକ ଅଞ୍ଚଳରେ ଦୃଶ୍ୟମାନତାକୁ ବିପଜ୍ଜନକ ସ୍ତରକୁ ହ୍ରାସ କରିଥିଲା, ଯାହା ସଡ଼କ, ରେଳ ଓ ବିମାନ ଯାତାୟାତକୁ ସିଧାସଳଖ ପ୍ରଭାବିତ କରିଥିଲା । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ତାପମାତ୍ରାରେ ତୀବ୍ର ହ୍ରାସ ଅବସ୍ଥାକୁ ଆହୁରି ଖରାପ କରିଛି, ଯାହାଦ୍ୱାରା ଯାତ୍ରୀମାନେ ପ୍ରବଳ ଥଣ୍ଡା ମଧ୍ୟରେ ସଂଘର୍ଷ କରୁଛନ୍ତି । ଦିଲ୍ଲୀ-ଏନ୍‌ସିଆରରେ ।ସକାଳୁ ଘନକୁହୁଡ଼ି ଯୋଗୁଁ ସହରର ବିଭିନ୍ନ ଅଞ୍ଚଳରେ ଦୃଶ୍ୟମାନତା ହ୍ରାସ ପାଇଥିଲା । ଘନକୁହୁଡ଼ି ଉତ୍ତର ଭାରତରେ ରେଳ ଚଳାଚଳକୁ ଗୁରୁତର ପ୍ରଭାବିତ କରିଥିଲା, ଯାହାଫଳରେ ଦୀର୍ଘ ଦୂରତା ଓ ଉପାନ୍ତ ସହରାଞ୍ଚଳ ମାର୍ଗରେ ବ୍ୟାପକ ବିଳମ୍ବ ହୋଇଥିଲା । ସିଗନାଲିଂ ସିଷ୍ଟମ୍ ବି ଦୁର୍ବଳ ହୋଇଛି, ଯାହା ଟ୍ରେନଗୁଡ଼ିକୁ କମ୍ ବେଗରେ ଚାଲିବାକୁ ବାଧ୍ୟ କରିଛି । ଯାତ୍ରୀମାନେ ପ୍ରବଳ ଥଣ୍ଡାରେ ପ୍ଲାଟଫର୍ମରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ । ରେଳ କର୍ତ୍ତୃପକ୍ଷ କହିଛନ୍ତି ଯେ ଏକ ଡଜନରୁ ଅଧିକ ଟ୍ରେନ୍ ଏକ ଘଣ୍ଟାରୁ କମ୍ ସମୟ ବିଳମ୍ବ ହୋଇଥିଲା । ଦିଲ୍ଲୀ ବିମାନ ବନ୍ଦର (ଆଇଜିଆଇଏ)ରେ ଘନକୁହୁଡ଼ି ଯୋଗୁଁ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଥିଲା, ଯାହାଫଳରେ ଏୟାର୍ଲାଇନ୍ସଗୁଡ଼ିକ ଅନେକ ବିମାନ ବାତିଲ କିମ୍ବା ପୁନଃନିର୍ଦ୍ଧାରଣ କରିବାକୁ ବାଧ୍ୟ ହୋଇଥିଲେ । ଯାତ୍ରୀମାନେ ଟର୍ମିନାଲ୍ ଭିତରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା । ଅନେକ ସେମାନଙ୍କ ଯାତ୍ରା ପୁନଃ ବୁକ୍ କରିବାକୁ କିମ୍ବା ପୁନଃ ନିର୍ଦ୍ଧାରଣ କରିବାକୁ ବାଧ୍ୟ ହୋଇଥିଲେ । ବୁଧବାର ସକାଳେ ଚେନ୍ନାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରବଳ କୁହୁଡ଼ି ଓ ଖରାପ ଦୃଶ୍ୟମାନତା ମଧ୍ୟ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା । ମଧ୍ୟରାତ୍ରିରେ ଦୃଶ୍ୟମାନତା ୪,୦୦୦ ମିଟରରୁ ସକାଳ ୭-୮ ମଧ୍ୟରେ ୩୦୦ ମିଟରକୁ ହ୍ରାସ ପାଇଥିଲା, ରନୱେ ଭିଜୁଆଲ୍ ରେଞ୍ଜ ୪୦୦ ମିଟରକୁ ଖସି ଆସିଥିଲା । ଫଳସ୍ୱରୂପ, କୋଚି, ମୁମ୍ବାଇ ଓ ବେଙ୍ଗାଲୁରୁରୁ ଆସୁଥିବା ତିନୋଟି ଇଣ୍ଡିଗୋ ସେବା ଏବଂ ମୁମ୍ବାଇ, କୋଚି ଓ ବେଙ୍ଗାଲୁରୁକୁ ତିନୋଟି ବହିର୍ଗମନ ବିମାନ ସମେତ ଏକାଧିକ ବିମାନ ବାତିଲ କରାଯାଇଥିଲା । ମୋଟ ଆଠଟି ବିମାନ ବାତିଲ ହୋଇଥିବାବେଳେ ଅନ୍ୟ ଦଶଟି ବିମାନ ଏକରୁ ତିନି ଘଣ୍ଟା ବିଳମ୍ବ ହୋଇଥିଲା । ବୁଧବାର ଦିଲ୍ଲୀ-ଏନ୍‌ସିଆରରେ ପ୍ରବଳ ଶୀତଲହରି ରହିଥିଲା, ଘନକୁହୁଡ଼ି ଅବସ୍ଥାକୁ ଆହୁରି ଖରାପ କରିଦେଇଥିଲା । ସହରରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି, ଯାହା ହାରାହାରିଠାରୁ ଯଥେଷ୍ଟ କମ । ସଫଦରଜଙ୍ଗ, ଲୋଧି ରୋଡ୍, ପାଲାମ, ଆୟା ନଗର ଓ ଦି ରିଜ୍ ମଧ୍ୟ ସମାନ ରିଡିଂ ରିପୋର୍ଟ କରିଛନ୍ତି ।

## ତୀବ୍ର ରୂପ ନେଉଛି ଇରାନ ହିଂସା
# ୨୫ ଶହରୁ ଅଧିକ ମୃତ୍ୟୁ, ୧୮ ହଜାର ବିକ୍ଷୋଭକାରୀ ଗିରଫ


**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଇରାନରେ ଚାଲିଥିବା ବିକ୍ଷୋଭ ଏବେ ଏକ ଭୀଷଣ ରକ୍ତପାତର ରୂପ ନେଇଛି । ଆଜି ହିଂସାଜନିତ ମୃତ୍ୟୁସଂଖ୍ୟା ୨,୫୦୦ରୁ ଅଧିକ ହୋଇଯାଇଛି ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଡ଼ା ଚେତାବନୀ ପରେ ଆମେରିକା ଯେ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବା ଆଶଙ୍କା ବଢ଼ିଛି । ଇରାନର ସୁପ୍ରିମ୍ ଲିଡର୍ ଆୟତୋଲ୍ଲା ଅଲି ଖେମିନିଙ୍କ ଆଦେଶରେ ସରକାରୀ ବାହିନୀ ବିକ୍ଷୋଭକାରୀଙ୍କ ଉପରେ ସିଧାସଳଖ ଗୁଳିମାଡ଼ କରିବା ଯୋଗୁଁ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି । ସିଏନ୍‌ଏନ୍ ଓ ଇରାନ ଇଣ୍ଟରନ୍ୟାସନାଲ୍ ରିପୋର୍ଟ ଅନୁଯାୟୀ, ଜାନୁଆରି ୮ ଓ ୯ରେ କେବଳ ଦୁଇ ରାତିରେ ପ୍ରାୟ ୧୨,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ତେବେ ସରକାରୀ ସୂତ୍ର ଏହାକୁ ଖଣ୍ଡନ କରିଛି । ମାନବାଧିକାର ସଂଗଠନ ହ୍ୟୁମାନ୍ ରାଇଟ୍ସ ଆକ୍ଟିଭିଷ୍ଟ ଇନ୍ ଇରାନ୍ (ଏଚ୍‌ଆର୍‌ଏଏନ୍‌ଏ) ଅନୁଯାୟୀ, ଅତି କମରେ ୧୮,୦୦୦ ଲୋକଙ୍କୁ ଗିରଫ କରାଯାଇଛି । ବିକ୍ଷୋଭକାରୀମାନେ ଇସଲାମିକ୍ ରିପବ୍ଲିକର ଅନ୍ତ ଘଟାଇବାକୁ ଦାବି କରୁଛନ୍ତି ଏବଂ ରାଜତନ୍ତ୍ରର ପୁନଃସ୍ଥାପନା ଚାହୁଁଛନ୍ତି । ତେହେରାନ୍, ଇସ୍ଫହାନ୍, ଶିରାଜ୍ ଓ ମାଶହାଦ୍ ଭଳି ସହରଗୁଡ଼ିକରେ ଲକ୍ଷାଧିକ ଲୋକ ରାସ୍ତାକୁ



ଓହ୍ଲାଇଛନ୍ତି, ଯେଉଁଠାରେ ସରକାରୀ ବାହିନୀ ଟିୟର ଗ୍ୟାସ୍, ରବର ବୁଲେଟ୍ ଓ ସିଧା ଗୁଳି ଚଳାଉଛି । ଇଣ୍ଟରନେଟ୍ ବନ୍ଦ ଥିବାରୁ ସଠିକ୍ ସୂଚନା ବାହାରକୁ ଆସିବା କଷ୍ଟକର ହୋଇଛି । ଏହି ପରିସ୍ଥିତି ମଧ୍ୟରେ ଟ୍ରମ୍ପ ଇରାନ ସରକାରଙ୍କୁ କଡ଼ା ଚେତାବନୀ ଦେବା ସହ ଆନ୍ଦୋଳନକାରୀଙ୍କ ପାଇଁ ତୁରନ୍ତ ସହାୟତା ପହଞ୍ଚିବ ବୋଲି ଘୋଷଣା କରିବା ପରେ ଅତି ଭୟାନକ ସ୍ଥିତି ଉପୁଜିଛି ଏବଂ ଆନ୍ଦୋଳନ ଅଧିକ ହିଂସାତ୍ମକ ହୋଇଛି । ଇରାନ ସଂସଦର ବାଚସ୍ପତି ଟ୍ରମ୍ପଙ୍କ ଧମକକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଆମେରିକା ଆକ୍ରମଣ କଲେ ଆମେରିକୀୟ ସୈନ୍ୟ ଓ ଇସ୍ରାଏଲ୍ ଆମର ବୈଧ ଲକ୍ଷ୍ୟ ହେବ । ଏହା ଆମେରିକା-ଇରାନ ମଧ୍ୟରେ ସମ୍ଭାବ୍ୟ ଯୁଦ୍ଧର ଆଶଙ୍କା ବଢ଼ାଇଥିବା ବେଳେ ଆମେରିକା ଆକ୍ରମଣର ମୁକାବିଲା ପାଇଁ ଇରାନର ଜୋର୍ଦାର ପ୍ରସ୍ତୁତି ଚଳାଇଛି । ଇରାନର ପ୍ରଧାନ ବିଚାରପତି ଗୋଲାମହୋସେନ୍ ମୋହସେନି ବିକ୍ଷୋଭକାରୀଙ୍କ ବିରୋଧରେ ଦ୍ରୁତ ବିଚାର ଓ ଫାଶୀ ଦିଆଯିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ୍ ଓ ହ୍ୟୁମାନ୍ ରାଇଟ୍ସ ୱାଚ୍ ନିନ୍ଦା କରିଛନ୍ତି ।

# ଇରାନର ନିର୍ବାସିତ ରାଜକୁମାର ପହଲାଭିଙ୍କୁ ଭେଟିଲେ ଟ୍ରମ୍ପ ପ୍ରଶାସନ

**ୱାସିଂଟନ,୧୪।୧(ଏଜେନ୍ସି):** ଇରାନରେ ସରକାର ବିରୋଧୀ ପ୍ରତିବାଦ ମଧ୍ୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନ ବିରୋଧରେ ସାମରିକ ଅବା ରାଜନୈତିକ ପଦକ୍ଷେପ ନିଆଯାଇପାରେ ବୋଲି ଦୃଢ଼ ସଙ୍କେତ ଦେଇଛନ୍ତି । ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଇରାନ ବିରୋଧରେ ସମ୍ଭାବ୍ୟ ଆକ୍ରମଣ ବିକଳ୍ପ ଉପରେ ବିଚାର କରୁଛି । ଏହି ପରିପ୍ରେକ୍ଷୀରେ, ହ୍ୱାଇଟ୍ ହାଉସରେ ଜାତୀୟ ସୁରକ୍ଷା ଦଳର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ବିକଳ୍ପ ଉପରେ ବିଚାର କରିଥିଲେ । ରାଷ୍ଟ୍ରପତି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଇରାନ ଅଧିକାରୀଙ୍କ ସହ ଆଉ କୌଣସି ଆଲୋଚନା ହେବ ନାହିଁ । ଏବେ ସମସ୍ତ ନିର୍ଦ୍ଧାରିତ ବୈଠକ ବାତିଲ କରାଯାଇଛି । ସେ ସୋସିଆଲ ମିଡିଆରେ କହିଛନ୍ତି, ଆମେରିକା ପ୍ରତିବାଦକାରୀଙ୍କୁ ସହାୟତା ଯୋଗାଇବ । ଏହି ପ୍ରସଙ୍ଗରେ ପ୍ରଶାସନ ମଧ୍ୟରେ ମତଭେଦ ରହିଛି । ଅନେକ ରାଜନୈତିକ ପରାମର୍ଶଦାତା



ଚେତାବନୀ ଦେଇଛନ୍ତି ଯେ, ଅଧିକ ବିପଦପୂର୍ଣ୍ଣ ସାମରିକ ଅଭିଯାନ ଆମେରିକା ପ୍ରଥମ ବୈଦେଶିକ ନୀତିକୁ ଦୁର୍ବଳ କରିପାରେ । ହ୍ୱାଇଟ୍ ହାଉସ୍ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍ ଇରାନର ନିର୍ବାସିତ ପୂର୍ବତନ ଯୁବରାଜ ରେଜା ପହଲାଭିଙ୍କ ସହ ଏକ ଗୁପ୍ତ ବୈଠକ କରିଛନ୍ତି । ଦୁଇ ସପ୍ତାହର ପ୍ରତିବାଦ ମଧ୍ୟରେ ଏହା ପ୍ରଥମ ଉଚ୍ଚସ୍ତରୀୟ ବୈଠକ ବୋଲି କୁହାଯାଉଛି । ଯଦି ବର୍ତ୍ତମାନର ଇରାନ ଶାସନର ପତନ ହୁଏ ତେବେ ପହଲାଭି ନିଜକୁ ଏକ ସମ୍ଭାବ୍ୟ ପରିବର୍ତ୍ତନଶୀଳ ନେତା ଭାବରେ ଉପସ୍ଥାପିତ କରିବେ ବୋଲି ପ୍ରୟାସ ଜାରି ରହିଛି । ରିପୋର୍ଟରେ କୁହାଯାଇଛି, ହ୍ୱାଇଟ୍ ହାଉସ୍ ବୈଠକରେ ସାମରିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ । ବୈଦେଶିକ ସଚିବ ମାର୍କୋ ରୁବିଓ ପରାମର୍ଶ ଦେଇଛନ୍ତି, ପ୍ରଶାସନ କୂଟନୈତିକ ଚାପ, ଆର୍ଥିକ ପ୍ରତିବନ୍ଧକ ଓ ରାଜନୈତିକ ସମର୍ଥନ ଭଳି ଅଣ-ସାମରିକ ପଦକ୍ଷେପ ଉପରେ ଧ୍ୟାନ ଦିଆଯାଉଛି ।

# ଦୟାନିଧି ମାରନଙ୍କ ବିବାଦୀୟ ମନ୍ତବ୍ୟ

**ଚେନ୍ନାଇ,୧୪।୧(ଏଜେନ୍ସି):** ହିନ୍ଦୀ ଭାଷା ଓ କନ୍ୟା ଶିକ୍ଷାକୁ ନେଇ ଡିଏମ୍‌କେ ସାଂସଦ ଦୟାନିଧି ମାରନ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ମାରନ ହିନ୍ଦୀ ଭାଷା ପିବାକୁ ଗରୁତ୍ୱ ଦିଆଯାଉଥିବା ରାଜ୍ୟମାନଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଯେଉଁ ରାଜ୍ୟମାନେ ଛାତ୍ରମାନଙ୍କୁ କେବଳ ହିନ୍ଦୀ ପିବାକୁ ପ୍ରୋତ୍ସାହନ ଦିଅନ୍ତି ଓ ଇଂରାଜୀ ଭାଷାକୁ ଦ୍ୱିତୀୟ ସ୍ତରର ପ୍ରାଥମିକତା ଦିଅନ୍ତି ସେମାନେ ନିଯୁକ୍ତି ସମ୍ଭାବନାକୁ ସଙ୍କୁଚିତ କରିଦିଅନ୍ତି । ଏଥିପାଇଁ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କୁ ପଳାୟନ ବୃଦ୍ଧି ପାଉଛି । ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମାରନ କହିଥିଲେ, କେତେକ ରାଜ୍ୟରେ ଛାତ୍ରମାନଙ୍କ ପାଠପାରେ ବାଧା ସୃଷ୍ଟି କରାଯାଉଛି ଏବଂ ସେମାନଙ୍କୁ ହିନ୍ଦୀ ପିବାକୁ ବାଧ୍ୟ କରାଯାଉଛି । ସେମାନେ ଆପଣଙ୍କୁ କହିବେ ଇଂରାଜୀ ପଢ ନାହିଁ । ଇଂରାଜୀ ପଢିଲେ ନଷ୍ଟ ହୋଇଯିବ । ଆପଣମାନଙ୍କୁ ଗୁଲାମ କରି ରଖାଯିବ । ସାଂସଦଙ୍କ ମନ୍ତବ୍ୟ




ପରେ ପୁଣିଥରେ ହିନ୍ଦୀଭାଷାକୁ ନେଇ ବିବାଦ ଦେଖାଯାଇଛି । ମାରନ କହିଛନ୍ତି, ତାମିଲନାଡୁରେ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ରାଜ୍ୟର ଆର୍ଥିକ ବିକାଶ ହେଉଛି । ତାମିଲନାଡୁରେ ଉଚ୍ଚଶିକ୍ଷିତ ଲୋକଥିବାରୁ ବିଶ୍ୱସ୍ତରୀୟ କମ୍ପାନୀ ଏଠାକୁ ଆସୁଛନ୍ତି । ଶିକ୍ଷାକୁ କେବଳ ହିନ୍ଦୀ ମାଧ୍ୟମରେ ସୀମିତ ରଖିଲେ ବେରୋଜଗାର ବୃଦ୍ଧି ପାଇବ । ତାମିଲନାଡୁର ଦ୍ରାବିଡ଼ ମଡେଲ ପୁଅମାନଙ୍କ ପରି ଝିଅମାନଙ୍କୁ ମଧ୍ୟ ଶିକ୍ଷା ପାଇଁ ପ୍ରୋତ୍ସାହିତ କରିଥାଏ । ଏହାଦ୍ୱାରା ରାଜ୍ୟରେ ସାକ୍ଷରତା ହାର ବୃଦ୍ଧି ସହିତ ମହିଳା କର୍ମଜୀବୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ଇଂରାଜୀ ଶିକ୍ଷାକୁ ହତୋତ୍ସାହିତ କରିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ସମ୍ଭାବନା ଓ ସୁଯୋଗ ସୀମିତ ହୋଇଯାଏ, ଭାଷା ଆଧାରିତ ପ୍ରତିବନ୍ଧ ବିକାଶ ଓ ନିଯୁକ୍ତି କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ ବୋଲି ମାରନ କହିଛନ୍ତି ।

## କର୍ଣ୍ଣାଟକରେ 'ଚୌକି' ଛକାପଞ୍ଝା
# ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଲେ ସିଦ୍ଧରମୈୟା

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି । ସିଦ୍ଧରମୈୟା କହିଛନ୍ତି ଯେ, ସେ ତାଙ୍କ କ୍ୟାବିନେଟର ବିସ୍ତାର କରିବାକୁ ଆଗ୍ରହୀ ଏବଂ ନେତୃତ୍ୱ ପରିବର୍ତ୍ତନ ଗୁଜବକୁ ନେଇ ରାହୁଲ ଗାନ୍ଧୀଙ୍କ ସହ ସାକ୍ଷାତ କରିବାକୁ ଚାହୁଁଛନ୍ତି । କର୍ଣ୍ଣାଟକର କଂଗ୍ରେସ ସରକାର ମଧ୍ୟରେ ନେତୃତ୍ୱ ପ୍ରସଙ୍ଗକୁ ନେଇ କ୍ରମାଗତ କଳ୍ପନାଜଳ୍ପନା ମଧ୍ୟରେ ଏହି ଘଟଣା ଘଟିଛି, ଯଦିଓ ଦଳର କେନ୍ଦ୍ରୀୟ ନେତୃତ୍ୱ ବାରମ୍ବାର କୌଣସି ଆଭ୍ୟନ୍ତରୀଣ ସଙ୍କଟକୁ ଅସ୍ୱୀକାର କରିଛନ୍ତି । ଗତ ମାସରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ନେତୃତ୍ୱ ବିବାଦ ଖବରକୁ ଖଣ୍ଡନ କରି କହିଥିଲେ ଯେ, ଦଳର ହାଇକମାଣ୍ଡ ସ୍ତରରେ କୌଣସି ଦ୍ୱନ୍ଦ୍ୱ ନାହିଁ । କୌଣସି ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ରାଜ୍ୟ ନେତୃତ୍ୱ ନିଜେ କରିବା ଉଚିତ । କର୍ଣ୍ଣାଟକରେ କଂଗ୍ରେସର ନିର୍ବାଚନୀ ସଫଳତା ପାଇଁ ବ୍ୟକ୍ତିଗତ ଶ୍ରେୟ ନେବା ବିରୋଧରେ ଦଳର ନେତାମାନଙ୍କୁ ଚେତାବନୀ ଦେଇ ଖଡ଼ଗେ କହିଛନ୍ତି ଯେ ଏହି ସଂଗଠନ ଅନେକ ଦଶନ୍ଧି ଧରି ଏହାର କର୍ମୀମାନଙ୍କ ଦ୍ୱାରା ମିଳିତ ଭାବରେ ଗଠିତ ହୋଇଛି । ଉଭୟ ସିଦ୍ଧରମୈୟା ଓ ଶିବକୁମାର କ୍ରମାଗତ ଭାବରେ ମତଭେଦ ଖବରକୁ ଅସ୍ୱୀକାର କରିଛନ୍ତି । ସିଦ୍ଧରମୈୟା କୌଣସି ରୋଟେସନାଲ ମୁଖ୍ୟମନ୍ତ୍ରୀ ବ୍ୟବସ୍ଥା ଦାବିକୁ ପ୍ରତ୍ୟାଖ୍ୟାନ କରି ତାଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟକାଳ ପୂରଣ କରିବେ ବୋଲି କହିଛନ୍ତି । ଶିବକୁମାର ମଧ୍ୟ ମତଭେଦ ପ୍ରସଙ୍ଗକୁ ଗଣମାଧ୍ୟମର କଳ୍ପନାଜଳ୍ପନା ଓ ବିରୋଧୀଙ୍କ ପ୍ରଚାର ବୋଲି କହି ଖାରଜ କରିଛନ୍ତି । ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ଓ ମୁଁ ଦୁଇଭାଇ ପରି କାମ କରୁନାହୁଁ କି? କଂଗ୍ରେସର କୌଣସି ନେତାଙ୍କ ସହ ମୋର କୌଣସି ମତଭେଦ ନାହିଁ ବୋଲି ସେ ପୂର୍ବରୁ କହିଥିଲେ । କଂଗ୍ରେସ ନେତୃତ୍ୱ ଉପଯୁକ୍ତ ସମୟରେ ନିଷ୍ପତ୍ତି ନେବେ ଏବଂ ଉଭୟ ନେତା ଦଳର ନିଷ୍ପତ୍ତିକୁ ପାଳନ କରିବେ ବୋଲି ସେ କହିଛନ୍ତି । ସିଦ୍ଧରମୈୟା ଓ ଶିବକୁମାର ମୁଖ୍ୟମନ୍ତ୍ରୀ ପଦବୀରେ ୨.୫ ବର୍ଷ ଲେଖାଏଁ ରହିବେ ବୋଲି ଏକ ଆଭ୍ୟନ୍ତରୀଣ ଚୁକ୍ତି ଉପରେ ଏହି ଆଲୋଚନା କେନ୍ଦ୍ରିତ ହୋଇଛି । ସିଦ୍ଧରମୈୟା ୨୦୨୩ ମେ ୨୦ରେ ଶପଥ ଗ୍ରହଣ କରିଥିଲେ ଏବଂ ଗତ ବର୍ଷ ନଭେମ୍ବର ୨୦ ସୁଦ୍ଧା ସରକାର ତାଙ୍କ କାର୍ଯ୍ୟକାଳର ଅଧା ସମୟ ପୂରଣ କରିଥିବାରୁ ନେତୃତ୍ୱ ପରିବର୍ତ୍ତନ ହେବାର ଆଶା କରାଯାଉଥିଲା । ଯେତେବେଳେ କିଛି ହେଲା ନାହିଁ, ଶିବକୁମାରଙ୍କ କିଛି ଅନୁଗତ ବିଧାୟକ ସେମାନଙ୍କ ଦାବି ନେଇ ଦିଲ୍ଲୀରେ ପହଞ୍ଚିଥିଲେ । କଂଗ୍ରେସ ଏହି କଥାକୁ ଅସ୍ୱୀୱୀକାର କରିଛି ଯେ କ୍ଷମତା ବଣ୍ଟନ ଉପରେ କୌଣସି ଚୁକ୍ତି ହୋଇନାହିଁ । ସିଦ୍ଧରମୈୟା ପାଞ୍ଚ ବର୍ଷର କାର୍ଯ୍ୟକାଳ ପୂରଣ କରିବେ ବୋଲି ବାରମ୍ବାର ସ୍ପଷ୍ଟ କରିଛନ୍ତି । କର୍ଣ୍ଣାଟକ କଂଗ୍ରେସ ନେତୃତ୍ୱକୁ ବିଜେପି ବାରମ୍ବାର ସମାଲୋଚନା କରି ଦାବି କରିଛି ଯେ ସିଦ୍ଧରମୈୟା ଓ ଶିବକୁମାର ଶାସନ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୈନନ୍ଦିନ କ୍ଷମତା କନ୍ଦଳରେ ଲାଗିଛନ୍ତି ।

# ମହଙ୍ଗା ସ୍କୁଲରେ ପଢ଼ିବେ ଗରିବ ପିଲା !

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ । ଘରୋଇ ଅଣ-ସହାୟତାପ୍ରାପ୍ତ, ଅଣ-ସଂଖ୍ୟାଲଘୁ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ଏବଂ ସାମାଜିକ ଭାବରେ ଦୁର୍ବଳ ବର୍ଗର ପିଲାମାନଙ୍କ ପାଇଁ ପ୍ରବେଶରେ ୨୫ ପ୍ରତିଶତ କୋଟା କାର୍ଯ୍ୟକାରୀ କରିବା ପାଇଁ ନିୟମ ପ୍ରସ୍ତୁତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ଶିକ୍ଷାନୁଷ୍ଠାନରେ ଗରିବ ପିଲାମାନଙ୍କୁ ପ୍ରବେଶ କରାଇବା ଏକ ଜାତୀୟ ମିଶନ ହେବା ଉଚିତ । ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି, ସମ୍ବିଧାନର ଭ୍ରାତୃତ୍ୱର ଲକ୍ଷ୍ୟ ସେତେବେଳେ ହାସଲ ହେବ, ଯେତେବେଳେ ଜଣେ ରିକ୍ସା ଚାଳକର ପିଲା ଜଣେ କୋଟିପତି କିମ୍ବା ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ପିଲା ସହିତ ସ୍କୁଲରେ ପଢ଼ିବ । ଶିକ୍ଷା ଅଧିକାର ଆଇନ ଅନୁଯାୟୀ, ସମସ୍ତ ସ୍କୁଲ ଗରିବ ଏବଂ ପଛୁଆ ବର୍ଗର ପିଲାମାନଙ୍କ ପାଇଁ ମାଗଣାରେ ୨୫ ପ୍ରତିଶତ ଆସନ ସଂରକ୍ଷଣ କରିବା ନିଶ୍ଚିତ



କରିବା ପାଇଁ କୋର୍ଟ ଏକ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଶିକ୍ଷା ଅଧିକାର ଆଇନ ପିଲାମାନଙ୍କୁ ସମାନ ଶିକ୍ଷାର ଅଧିକାର ଦିଏ । ମାମଲାର ଶୁଣାଣି କରି ବିଚାରପତି ପିଏସ୍ ନରସିମହା ଏବଂ ଏଏସ୍ ଚନ୍ଦୁରକରଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଶିକ୍ଷା ଅଧିକାର ଆଇନ ଜାତି, ବର୍ଗ, ଲିଙ୍ଗ କିମ୍ବା ଆର୍ଥିକ ସ୍ଥିତି ଆଧାରରେ କୌଣସି ଭେଦଭାବ ବିନା ସମାନ ବିଦ୍ୟାଳୟରେ ସମସ୍ତ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପ୍ରଦାନ କରେ । ଧାରା ୧୨ ଭ୍ରାତୃତ୍ୱ ସହିତ ସମାନତା ଏବଂ ସ୍ୱାଧୀନତାର ସାମ୍ବିଧାନିକ ନୀତିକୁ ସୁଦୃଢ଼ କରେ । କୋର୍ଟ କହିଛନ୍ତି ଯେ, ଧାରା ୧୨ ଅନୁଯାୟୀ, ବିନା ସହାୟତା ପ୍ରାପ୍ତ ପଡ଼ୋଶୀ ବିଦ୍ୟାଳୟରେ ୨୫% ପିଲାଙ୍କ ପ୍ରବେଶ କେବଳ ଏକ ପୃଥକ ଜନହିତକର ପଦକ୍ଷେପ ନୁହେଁ, ବରଂ ଧାରା ୨୧ଇ ଏବଂ ୩୯(f) ରେ ସ୍ୱୀକୃତିପ୍ରାପ୍ତ ଭ୍ରାତୃତ୍ୱ ଏବଂ ଶିଶୁର ବିକାଶ ପ୍ରତି ସାମ୍ବିଧାନିକ ପ୍ରତିବଦ୍ଧତାକୁ ସାକାର କରିବାର ଏକ ମାଧ୍ୟମ । କୋଠାରୀ କମିଶନ ରିପୋର୍ଟକୁ ଦର୍ଶାଇ, କୋର୍ଟ କହିଛନ୍ତି ଯେ ଏହା ଏକ ସାଧାରଣ ବିଦ୍ୟାଳୟ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛି ଯେଉଁଠାରେ ସମାଜର ସମସ୍ତ ବର୍ଗର ପିଲାମାନେ ଭେଦଭାବ ବିନା ସମାନ ଶିକ୍ଷା ପାଇପାରିବେ । ଖଣ୍ଡପୀଠ କହିଛନ୍ତି ଯେ, ଶିକ୍ଷା ଅଧିକାର ଆଇନର ଧାରା ୩୮ ଅନୁଯାୟୀ ନିୟମ ଏବଂ ନିୟମାବଳୀ ପ୍ରସ୍ତୁତ କରିବା ଆବଶ୍ୟକ, ଯାହା ଦୁର୍ବଳ ଏବଂ ଅନଗ୍ରସର ବର୍ଗର ପିଲାମାନଙ୍କୁ କିପରି ଏବଂ କେଉଁ ଉପାୟରେ ପଡ଼ୋଶୀ ସ୍କୁଲରେ ପ୍ରବେଶ କରାଯିବ ତାହା ସ୍ଥିର କରିବ ।

# ଚଳନ୍ତା ଟ୍ରେନ୍ ଉପରେ ଖସିଲା କ୍ରେନ୍, ୨୨ ମୃତ

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଥାଇଲାଣ୍ଡରେ ଏକ ବଡ଼ ଦୁର୍ଘଟଣା ଘଟିଛି । ରାଜଧାନୀ ବ୍ୟାଙ୍କକରୁ ଉତ୍ତର-ପୂର୍ବ ଥାଇ ପ୍ରଦେଶକୁ ଯାଉଥିବା ଏକ ଟ୍ରେନ୍ ଉପରେ ବିରାଟ କ୍ରେନ୍ ଖସି ପଡ଼ିଛି । ଯାହାଫଳରେ ଯାତ୍ରୀବାହି ଟ୍ରେନ୍ ଲାଇନଚ୍ୟୁତ ହୋଇଛି । ଟ୍ରାକରୁ ଟ୍ରେନ୍ ଖସିବା ପରେ ନିଆଁ ଲାଗିଯାଇଥିଲା । ଭୟଙ୍କର ଦୁର୍ଘଟଣାରେ ଅତିକମରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି । ୩୦ ଜଣ ଆହତ ହୋଇଛନ୍ତି । ଆଜି ସକାଳୁ ବ୍ୟାଙ୍କକରୁ ୨୩୦ କିଲୋମିଟର ଦୂର ନାଖୋନ୍ ରତଚସିମା ପ୍ରଦେଶର ଶିଖିଓ ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି । ପୁଲିସ ଅଧିକାରୀଙ୍କ ସୂଚନା ଅନୁସାରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି । ଏକ ହାଇସ୍ପିଡ୍ ରେଲୱେ ପ୍ରୋଜେକ୍ଟ କାମରେ ନିୟୋଜିତ ଥିଲା କ୍ରେନ୍।ଟ୍ରେନଟି ଥାଇଲାଣ୍ଡର ଉବୋନ୍ ରାଚଥାନି ପ୍ରଦେଶ ଅଭିମୁଖେ ଯାଉଥିଲା । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏକ କ୍ରେନ୍ ହାଇ-ସ୍ପିଡ୍ ରେଳ ପ୍ରକଳ୍ପରେ କାମ କରୁଥିବା ସମୟରେ ଟ୍ରାକରେ ଅତିକ୍ରମ କରୁଥିବା ଏକ ଟ୍ରେନ ଉପରେ ସିଧା ଖସି ପଡ଼ିଗଲା । ଏହାପରେ ଟ୍ରେନଟି ଲାଇନଚ୍ୟୁତ ହୋଇଗଲା ଏବଂ କିଛିସମୟ ପରେ ନିଆଁ ଲାଗିଗଲା । ଉଦ୍ଧାରକାର୍ଯ୍ୟର ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି । ଯେଉଁଥିରେ ଆହତମାନଙ୍କୁ ଉଦ୍ଧାର କରିବା ପାଇଁ ଟ୍ରେନର ଭଗ୍ନାବଶେଷକୁ କାଟା ଯାଉଥିବାର ଦେଖିବାକୁ ମିଳିଛି ।

# ପଶ୍ଚିମବଙ୍ଗକୁ ବାଂଲାଦେଶ କରିଦେବେ ମମତା

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ମମତା ବେଆଇନ ଭାବେ ରହୁଥିବା ବାଂଲାଦେଶୀଙ୍କୁ ସୁରକ୍ଷା ଦେଉଛନ୍ତି ଏବଂ ପଶ୍ଚିମବଙ୍ଗକୁ ବାଂଲାଦେଶରେ ପରିଣତ କରିବାକୁ ଚାହୁଁଛନ୍ତି ବୋଲି ଗିରିରାଜ କହିଥିଲେ । ପାଟନାଠାରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ମମତା ବାନାର୍ଜୀ ପ୍ରଥମେ କୁହନ୍ତୁ ସେ କାହାର କଳା ବ୍ୟାଗ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)କୁ ଦେବାକୁ ଚାହୁଁନାହାନ୍ତି । ବାଂଲାଦେଶୀଙ୍କ ଉପରେ ସେ ପୂରା ନିର୍ଭରଶୀଳ ଥିବାବେଳେ ରାଜ୍ୟକୁ ବାଂଲାଦେଶରେ ପରିଣତ କରିଦେବେ । ଦେଶରେ ଥିବା ସମସ୍ତ ବାଂଲାଦେଶୀ ପଶ୍ଚିମବଙ୍ଗ ଦେଇ ଦେଶରେ ପ୍ରବେଶ କରୁଛନ୍ତି । ସେମାନେ ସମସ୍ତଙ୍କ ଆଧାର କାର୍ଡ଼ ପଶ୍ଚିମବଙ୍ଗରେ ତିଆରି ହୋଇଛି ବୋଲି ଗିରିରାଜ କହିଥିଲେ । ଦିନକ ପୂର୍ବରୁ ମମତା ବାନାର୍ଜୀ ଅଭିଯୋଗ କରିଥିଲେ ଯେ, ବିଜେପି ନିର୍ଦ୍ଦେଶରେ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଏଆଇ (କୃତ୍ରିମ ବୁଦ୍ଧିମତା) ବ୍ୟବହାର କରି ଭୋଟର ତାଲିକାରୁ ଭୋଟରଙ୍କ ନାଁ କାଟୁଛନ୍ତି । ହାୱଡାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମମତା କହିଥିଲେ, ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମୟରେ ଯେତିକି ମୃତ୍ୟୁ ହୋଇଛି ସେଥିପାଇଁ ବିଜେପି ଦାୟୀ । ମମତା କହିଥିଲେ, ଆଜି ସକାଳ ପର୍ଯ୍ୟନ୍ତ ୮୪



ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଏସଆଇଆର୍ ନୋଟିସ ପାଇବା ପରେ ଚାରି ଜଣ ଆତ୍ମହତ୍ୟା କରିଛନ୍ତି, ୧୭ ଜଣ ବ୍ରେନ୍ ଷ୍ଟ୍ରୋକ୍ କିମ୍ବା ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି । ଏସବୁ ମୃତ୍ୟୁ ପାଇଁ ନିର୍ବାଚନ କମିସନ ଦାୟୀ ହେବା କଥା । ବିଜେପି ନିର୍ଦ୍ଦେଶରେ ଏଆଇ ବ୍ୟବହାର ଦ୍ୱାରା ଭୋଟର ତାଲିକାରୁ ନାଁଗୁଡ଼ିକ ହଟା ଯାଉଛି । ସେ ଆହୁରି କହିଛନ୍ତି, ମୁଁ ଯାହା ଜାଣିବାକୁ ପାଉଛି ଏଠାରେ ଭୋଟ ଦେବାକୁ ଝାଡ଼ଖଣ୍ଡ, ବିହାର ଓ ଓଡ଼ିଶାରୁ ଲୋକମାନଙ୍କୁ ଆଣିବାକୁ ବୋଲି ଯୋଜନା ରହିଛି । ଇସିଆଇକୁ ସମାଲୋଚନା କରି ମମତା କହିଥିଲେ, ଏହା ୧.୩୬ କୋଟି ଭୋଟରଙ୍କୁ ଶୁଣାଣି ପାଇଁ ବାଧ୍ୟ କରୁଛନ୍ତି ବୋଲି କହିଛନ୍ତି । ବିଜେପି ନିର୍ଦ୍ଦେଶରେ ଇସିଆଇ ଏପରି ଭାବେ ଏସ୍‌ଆଇଆର୍ କରିଛନ୍ତି ଯେ, ପାଖାପାଖି ୫୮ ଲକ୍ଷ ଭୋଟରଙ୍କ ନାଁ ଭୋଟର ତାଲିକାରୁ ବାଦ୍ ପଡ଼ିଛି । ଏତିକିରେ ସନ୍ତୁଷ୍ଟ ନହୋଇ ଏହା ଅନ୍ୟ ରାଜ୍ୟରୁ ଲୋକଙ୍କୁ ଫର୍ମ ୭ ସହିତ ଗାଡ଼ିରେ ବୋହିକି ଆଣୁଥିବାବେଳେ ପ୍ରକୃତ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦେଉଛି ।

# ସରକାରୀ ସ୍ତରରେ ଆଉ ହେବନି 'ହରିଜନ' ଏବଂ 'ଗିରିଜନ' ଶବ୍ଦର ବ୍ୟବହାର

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଏବେଠୁ ହରିୟାଣାରେ ଆଉ ହେବନି ହରିଜନ ଏବଂ ଗିରିଜନ ଶବ୍ଦର ବ୍ୟବହାର । ହରିୟାଣା ସରକାର ହରିଜନ ଏବଂ ଗିରିଜନ ଶବ୍ଦ ବ୍ୟବହାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏନେଇ ରାଜ୍ୟ ସରକାର ସମସ୍ତ ବିଭାଗକୁ ଯେକୌଣସି ସରକାରୀ ଯୋଗାଯୋଗରେ 'ହରିଜନ' ଏବଂ 'ଗିରିଜନ' ଶବ୍ଦ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହରିୟାଣା ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ମଙ୍ଗଳବାର ଏହି ସମ୍ପର୍କରେ ଏକ ଚିଠି ଜାରି କରିଛି । ମହାତ୍ମା ଗାନ୍ଧୀ ଅନୁସୂଚିତ ଜାତିକୁ 'ହରିଜନ' ନାମ ଦେଇଥିଲେ, ଯାହାର ଅର୍ଥ 'ଭଗବାନଙ୍କ ଲୋକ' । ତଥାପି, ବି.ଆର. ଆମ୍ବେଦକର 'ହରିଜନ' ଶବ୍ଦ ବ୍ୟବହାରର ବିରୋଧୀ ଥିଲେ ଏବଂ ସେମାନଙ୍କୁ ଦଳିତ ବୋଲି କହିବାକୁ ପସନ୍ଦ କରୁଥିଲେ । ତେବେ ସରକାରୀ ବିବୃତ୍ତିରେ କୁହାଯାଇଛି କି, ହରିୟାଣା ସରକାର ରାଜ୍ୟର ସମସ୍ତ ପ୍ରଶାସନିକ ସଚିବ, ବିଭାଗ ମୁଖ୍ୟ, ବୋର୍ଡ, କର୍ପୋରେସନ, ସାର୍ବଜନୀନ କ୍ଷେତ୍ରର ଉଦ୍ୟୋଗ, ବିଭାଗୀୟ କମିଶନର, ଡେପୁଟି କମିଶନର, ଉପ-ବିଭାଗୀୟ ଅଧିକାରୀ (ସିଭିଲ୍) ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମାନଙ୍କୁ ସମସ୍ତ ସରକାରୀ ଚିଠି ପତ୍ରରେ 'ହରିଜନ' ଏବଂ 'ଗିରିଜନ' ଭଳି ଶବ୍ଦ ବ୍ୟବହାରକୁ କଡ଼ାକଡ଼ି ଏଡାଇବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଭାରତର ସମ୍ବିଧାନ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ସୂଚିତ କରିବା ପାଇଁ ଏହି ଭାବନା ବ୍ୟବହାର କରେ ନାହିଁ । ରାଜ୍ୟ ସରକାର ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଉଦ୍ଧୃତ କରିଛନ୍ତି, ଯାହା ସ୍ପଷ୍ଟ ଭାବରେ ସରକାରୀ କାର୍ଯ୍ୟରେ ଏହି ଭାବନାର ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି ।

# ଇରାନ ହିଂସା: ଅନ୍ତର୍ଜାତୀୟ ସଂପ୍ରଦାୟରେ ନିନ୍ଦାର ଝଡ଼

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ଇରାନରେ ଚାଲିଥିବା ବିକ୍ଷୋଭ ଓ ସରକାରୀ ଦମନରେ ମୃତ୍ୟୁସଂଖ୍ୟା ୨,୫୦୦ରୁ ଅଧିକ ହୋଇଯିବା ପରେ ଆନ୍ତର୍ଜାତୀୟ ସମ୍ପ୍ରଦାୟରେ ଗଭୀର ଉଦ୍‌ବେଗ ଓ ନିନ୍ଦାର ଝଡ଼ ଉଠିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ଉପରେ ଆକ୍ରମଣ ଚେତାବନୀ ଓ ଆନ୍ଦୋଳନକାରୀଙ୍କୁ ସମର୍ଥନ ଘୋଷଣା ପରେ ପରିସ୍ଥିତି ଭୟାନକ ରୂପ ନେଇଛି । ଜାତିସଂଘ ମାନବାଧିକାର ସଂଗଠନ ମୁଖ୍ୟ ଭୋଲ୍କର ଟର୍କ ଇରାନ ସରକାରଙ୍କ ଦ୍ୱାରା ବିକ୍ଷୋଭକାରୀଙ୍କ ବିରୋଧରେ ସମସ୍ତ ହିଂସା ଓ ଦମନ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି । ବିକ୍ଷୋଭକାରୀଙ୍କୁ 'ଆତଙ୍କବାଦୀ' ବୋଲି ଚିହ୍ନିତ କରି ଦମନକୁ ନ୍ୟାୟୋଚିତ କରିବାକୁ ଇରାନ ଚଳାଇଥିବା ପ୍ରୟାସକୁ ସେ ନିନ୍ଦା କରିଛନ୍ତି । ଇରାନ ଦ୍ୱାରା ଦ୍ରୁତ ବିଚାର ଓ ମୃତ୍ୟୁଦଣ୍ଡର ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି । ଇଉରୋପୀୟ ସଂଘର ନେତାମାନେ ଇରାନରେ ଚାଲିଥିବା ହିଂସା ଓ ସରକାରୀ ଦମନକୁ କଡ଼ା ନିନ୍ଦା କରିଛନ୍ତି । ବ୍ରିଟେନ ବିଦେଶ ସଚିବ ଇଭେଟ୍ କୁପର ଇରାନୀୟ ରାଷ୍ଟ୍ରଦୂତଙ୍କୁ ଡକାଇ 'ଭୟଙ୍କର ଓ ନିର୍ମମ ହତ୍ୟା' ପ୍ରସଙ୍ଗରେ ପ୍ରତିବାଦ ଜଣାଇଛନ୍ତି । ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନର ନେତାମାନେ ମିଳିତ ବିବୃତ୍ତିରେ ଇରାନୀୟ ସୁରକ୍ଷା ବାହିନୀଙ୍କ ହିଂସାକୁ ନିନ୍ଦା କରି ବିକ୍ଷୋଭକାରୀଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନର ଅଧିକାର ରକ୍ଷା କରିବାକୁ ଦାବି କରିଛନ୍ତି । ୟୁରୋପୀୟ ସଂସଦ ସଭାପତି ରୋବର୍ଟା ମେଟସୋଲା ଇରାନୀୟ କୂଟନୈତିକ କର୍ମଚାରୀଙ୍କୁ ସଂସଦ ପରିସରରୁ ନିଷିଦ୍ଧ ଘୋଷଣା କରିଛନ୍ତି ଏବଂ ନୂଆ ନିଷେଧାଦେଶ ପାଇଁ ପ୍ରସ୍ତାବ ଦେଇଛନ୍ତି ।

